## ବିଦେଶୀ ମଦ ଜବତ; ଯୁବକ ଗିରଫ



**କୋଷାଗୁମୁଡ଼ା,୧୪।୪(ସମିସ):** କୋଷାଗୁମୁଡ଼ା ଓ କୋଡ଼ିଙ୍ଗା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ଅବକାରୀ ବିଭାଗ ଚଢ଼ଉ କରି ୧୨.୬୦୦ ଲିଟର ବିଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଗାଦବାଗୁଡ଼ାର କାର୍ତ୍ତିକ ଭତ୍ରା ବୋଲି ଜଣାପଡ଼ିଛି। ପୂଜାରୀଗୁଡ଼ା, ଲିମଭଟା ଓ ଗାଦବାଗୁଡ଼ା ଅଞ୍ଚଳରେ ଚଢ଼ଉ ହୋଇଥିଲା। ଚଢ଼ଉରେ କୋଡ଼ିଙ୍ଗା ଅବକାରୀ ଉପନିରୀକ୍ଷକ ସୁଶୀଳ କୁମାର ଭୁଏ, ସହ ଉପନିରୀକ୍ଷକ ଏଲିଜା ବିଶୋଇ, ଅବକାରୀ କନଷ୍ଟେବଲ ଆକ୍ରମ ଖାନ, ରମେଶ ପ୍ରଧାନ ଓ ବିବେକାନନ୍ଦ ସାହୁ ପ୍ରମୁଖ ସାମିଲ ଥିଲେ। ଜିଲ୍ଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶ ଓ ଇନ୍ସପେକ୍ଟର ଦିଲ୍ଲୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ପଦକ୍ଷେପ ନିଆଯାଇଥିଲା।

### ଭୋଟ୍‌ହାର ବଢ଼ାଇବାକୁ ଦେଓମାଳିରୁ ପ୍ରଶାସନର ସଚେତନତା କାର୍ଯ୍ୟକ୍ରମ

# 'ଦେଓମାଳି ଯେମିତି, ଭୋଟ୍ ଦେବାରେ କୋରାପୁଟ ହେବ ସେମିତି'





**ପଟ୍ଟାଙ୍ଗି,୧୪।୪(ସମିସ)**

କୋରାପୁଟ ଜିଲ୍ଲାରେ ଆସନ୍ତା ମେ' ୧୩ ରିଖରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ 'ଦେଓମାଳି ଯେମିତି, ଭୋଟ ଦେବାରେ ବି ପ୍ରଥମ ସ୍ଥାନ ହାସଲ କରିବ ଆମ କୋରାପୁଟ ସେମିତି' ବୋଲି ବାର୍ତ୍ତା ଦେଇ ଦେଓମାଳିରୁ କୋରାପୁଟ ଜିଲ୍ଲା ପ୍ରଶାସନ ରବିବାର ଆଗାମୀ ନିର୍ବାଚନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଗତ ନିର୍ବାଚନରେ ୭୬ ପ୍ରତିଶତ ନିର୍ବାଚନ ହୋଇଥିଲା। କିଭଳି ଚଳିତ ନିର୍ବାଚନରେ ୮୫ ପ୍ରତିଶତ ଭୋଟର ଯୋଗଦେଇ ନିଜର ଭୋଟଦେବେ ତାହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓଡ଼ିଶାର ଉଚ୍ଚତମ ଶୃଙ୍ଗ କୋରାପୁଟ ଜିଲ୍ଲାର ଦେଓମାଳିଠାରୁ ରବିବାର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଏଭଳି ଏକ ନୂତନ ପ୍ରୟାସ କରାଯାଇଛି। ସେ କୋରାପୁଟ ଜିଲ୍ଲାର ସମସ୍ତ ଭୋଟରଙ୍କୁ ଭୋଟଦାନ କେନ୍ଦ୍ରରେ ପହଞ୍ଚି ଭୋଟ୍ ଦେବା ନିମନ୍ତେ ନିବେଦନ କରିଛନ୍ତି। ଚଳିତ ନିର୍ବାଚନରେ ନୂତନ ଭୋଟରଙ୍କୁ ନିଜର ଭୋଟ ଦେବା ସହ ନିଜ ଅଞ୍ଚଳର ଭୋଟରଙ୍କୁ ସଚେତନ କରିବା ନିମନ୍ତେ ନିବେଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ କୋବ୍ରା କମାଣ୍ଡାଣ୍ଟ ଅମିତ କୁମାର, କୋବ୍ରା ସେକେଣ୍ଡିନ୍ କମାଣ୍ଡ ରାଜୁ କୁମାର ସିଂ ଏବଂ ରବୀନ୍ଦ୍ର ଶେଖାବତ, ଉପଜିଲ୍ଲାପାଳ ବେଣୁଧର ଶବରଙ୍କ ସମେତ ସମସ୍ତ ଜିଲ୍ଲା ଅଧିକାରୀ ଏବଂ ବ୍ଲକ୍ ଅଧିକାରୀ, କୋବ୍ରା ବାଟାଲିୟନ, ପୁଲିସ, ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କ ସହ ସମସ୍ତେ 'କୋରାପୁଟ ବିକାଶରେ ଦେବା ଯୋଗଦାନ, ମେ' ୧୩ରେ ନିଶ୍ଚୟ କରିବା ମତଦାନ' ଲେଖା ହୋଇଥିବା ଟିସାର୍ଟ ଓ ଟୋପି ପିନ୍ଧି ପର୍ବତ ଶିଖରରେ ଚଢ଼ିଥିଲେ। ଭୋଟର ସଚେତନତା ଅଭିଯାନ 'ନିର୍ବାଚନ ପର୍ବ ଆମର ଦେଶର ଗର୍ବ', 'ଭୋଟ ଦେଇ ବାଛିବା ପ୍ରିୟ ପ୍ରତିନିଧି, କୋରାପୁଟର କରିବା ସର୍ବାଙ୍ଗୀଣ ଉନ୍ନତି' ଏଭଳି ବାର୍ତ୍ତା ଲେଖାଯାଇଥିବା ପ୍ଲା କାର୍ଡ ଓ ସ୍ଲୋଗାନ ଦେଇ ସମସ୍ତେ ପର୍ବତ ଶିଖରରେ ଚଢ଼ିଥିଲେ। ପର୍ବତ ଶିଖରରେ କେନ୍ଦୁଝର ଜିଲ୍ଲା ଧରଣୀଧର ୟୁନିଭର୍ସିଟିର ଛାତ୍ରଛାତ୍ରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେମାନେ ସାରା ଓଡ଼ିଶାକୁ ଭୋଟ ଦେବା ନିମନ୍ତେ ନିବେଦନ କରିଥିବା ଦେଖିବାକୁ ମିଳିଥିଲା। ସେଠାରୁ ଫେରିବା ପରେ ବୈଠକ କରାଯାଇଥିଲା। ଉକ୍ତ ବୈଠକରେ ଆଗାମୀ ଦିନରେ କିପରି ଭୋଟହାର ବଢ଼ିପାରିବ ସେନେଇ ନୂତନ ପ୍ରୟାସ କରାଯାଉଥିବା କୁହାଯାଇଥିଲା। ଷ୍ଟିକର,ବ୍ୟାନର,କୋରାପୁଟର ତାରକାଙ୍କଠାରୁ ବାର୍ତ୍ତା ଅଣାଯାଇ ଗାଡ଼ି ଘୋଡ଼ା ବିଭିନ୍ନ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚି ସଚେତନ କରାଯିବ ବୋଲି ଅଧିକାରୀଗଣ କହିଥିଲେ। ଏହି ଅବସରରେ ଭୋଟ ଦେବା ନିମନ୍ତେ ଶପଥପାଠ କରାଯାଇଥିଲା। ଉକ୍ତ ବୈଠକର ମଞ୍ଚ ପରିଚାଳନା ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କାରାଟେ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ବଦଳିଲା ପାଗ; ଫେରିଲା ତାତି



**ରାୟଗଡ଼ା, ୧୪।୪(ସମିସ):** ପୁଣି ଫେରିଛି ତାତି। ଗତ ତିନି ଚାରି ଦିନର କୋହଲା ପାଗକୁ ନେଇ ରାୟଗଡ଼ା ସହରର ଜନସାଧାରଣ ଟିକିଏ ଆଶ୍ୱସ୍ତି ଲାଭ କରିଥିବା ବେଳେ ରବିବାର ସକାଳୁ ଟାଣ ଖରାରେ ସକାଳ ୧୦ଟା ସମୟରୁ ରାସ୍ତାଘାଟ ଶୂନଶାନ୍ ଭଳି ଦେଖାଯାଉଥିଲା। ମଧ୍ୟାହ୍ନରେ ରାୟଗଡ଼ା ସହରରେ ୩୬ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏହା ୩୮ ଡ୍ରିଗୀ ଟାଣ ଖରା ଭଳି ଅନୁଭୂତି ଦେଉଥିଲା। ରବିବାର ପଣା ସଂକ୍ରାନ୍ତି ପାଇଁ ସହର ଚଳଚଞ୍ଚଳ ରହିଥିଲେ ମଧ୍ୟ ଟାଣ ଖରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

# ଶୋଚନୀୟ ଅଧ କି.ମି ରାସ୍ତା, ହନ୍ତସନ୍ତ ଗ୍ରାମବାସୀ

### ସରପଞ୍ଚଙ୍କ ଅଭିଯୋଗ ଶୁଣୁନାହାନ୍ତି ଅଧିକାରୀ



**ରାୟଗଡ଼ା, ୧୪।୪(ସମିସ):** ଶୋଚନୀୟ ହୋଇପଡ଼ିଛି ଅଧ କିଲୋମିଟର ରାସ୍ତା। ଖାଲଢ଼ିପରେ ଭରି ପଡ଼ି ରହିଥିବା ରାସ୍ତା ଉପରେ ନିର୍ଭର କରୁଛନ୍ତି ଗ୍ରାମବାସୀ। ମନରେଗା ଯୋଜନାରେ ଗତ ତିନିବର୍ଷ ତଳେ ନିର୍ମାଣ ହୋଇଥିବା ମାଟିରାସ୍ତାରୁ ଏବେ ମେଟାଲଗୁଡ଼ିକ ବାହାରି ରାସ୍ତା ଉପରେ ବିଛେଇ ପଡ଼ି ରହିଛି। ଫଳରେ ଏହି ରାସ୍ତା ଉପରେ ଯାତାୟାତ କରିବା ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଏନେଇ ବାରମ୍ବାର ଗ୍ରାମ୍ୟ ଉନ୍ନୟନ ବିଭାଜନ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି ବିଭାଗୀୟ ଅଧିକାରୀ। ଏହି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ସଦର ବ୍ଲକ ମିରାବାଲି ପଞ୍ଚାୟତ ଅନ୍ତର୍ଗତ ବଡ଼ ସାନ୍ଧୁବାଡ଼ି ଗ୍ରାମରେ। ଗ୍ରାମରେ ପ୍ରାୟ ୧୦୦ଟି ଘର ପରିବାରର ୪୦୦ରୁ ଅଧିକ ଲୋକ ଏହି ଦୟନୀୟ ରାସ୍ତା ଉପରେ ଦୈନନ୍ଦିନ ଚଳାଚଳ ପାଇଁ ନିର୍ଭରଶୀଳ। ତିନିବର୍ଷ ତଳେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମନରେଗା ଯୋଜନାରେ ଏହି ମାଟି ରାସ୍ତା ନିର୍ମାଣ କରାଯାଇଥିଲା; ତାହା ଏବେ ଖାଲଖମାରେ ଭର୍ତ୍ତି ହୋଇ ରହିଛି। ସାମାନ୍ୟ ବର୍ଷାରେ ଉକ୍ତ ମାଟି ରାସ୍ତାଟି କାଦୁଅ ପଚ ପଚ ହୋଇ ପଡୁଥିବା ବେଳେ ଗ୍ରାମବାସୀ ଏହି ରାସ୍ତାରେ ଯାତାୟାତ କରିବା ଅଧିକ କଷ୍ଟକର ହେଉଥିବା ସରପଞ୍ଚ ଅଶୋକ ପୁଆଲା ପ୍ରକାଶ କରିଛନ୍ତି। କେବଳ ଅଧ କିଲୋମିଟର ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ସରପଞ୍ଚ ଶ୍ରୀ ପୁଆଲା ପ୍ରକାଶ କରିଛନ୍ତି। ତେବେ ବର୍ଷା ପୂର୍ବରୁ ଅଧ କିଲୋମିଟର ରାସ୍ତା ନିର୍ମାଣ କରିଦେବାକୁ ବଡ଼ ସାନ୍ଧୁବାଡି ଗ୍ରାମବାସୀ ଦାବି କରିଛନ୍ତି।

## ବିଭିନ୍ନ ଗାଁରେ ହିରେଇ ପର୍ବ ପାଳନ



**କଲ୍ୟାଣସିଂହପୁର,୧୪।୪(ସମିସ):**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର କିଛି ଗାଁରେ ଏପ୍ରିଲ ମାସ ୧ ତାରିଖରୁ ଅଧିବାସୀମାନଙ୍କ ହିରେଇ ପର୍ବ ପାଳନ ହୋଇଥିବା ଦେଖିବାକୁ ମିଳିଛି। ଏହି ଦିନରେ ନିଜ ଗାଁ ମୁଣ୍ଡରେ ଥିବା ଝାଙ୍କିରିରେ କୁକୁଡ଼ା, ପାରା, ଲିଆମୁଆଁ, ଦୀପ, ଧୂପ ଜାଳି ପୂଜାପାଠ କରିଥାନ୍ତି। ଏହା ସହ ରାସ୍ତାରେ ଯିବାଆସିବା ଲୋକଙ୍କଠୁ କିଛି ଟଙ୍କା ଖୁସିରେ ମାଗି ମଦ ପିଇ ଭୋଜିଭାତ କରି ନାଚଗୀତରେ ଏହି ପର୍ବ ପାଳନ କରିଥାନ୍ତି। ଏହି ହିରେଇ ପର୍ବକୁ ପ୍ରତ୍ୟେକ ବର୍ଷ ଏପ୍ରିଲ ମାସ ୧ ତାରିଖରୁ ଆରମ୍ଭ କରି ମାସ ଶେଷ ଯାଇଁ ପାଳନ କରିଥାନ୍ତି। ଏପ୍ରିଲ ମାସକୁ ଅଧିବାସୀଙ୍କ ପରମ୍ପରା ଅନୁଯାୟୀ, ନୂତନ ବର୍ଷ ହିସାବରେ ନିଜ ନିଜର ଗାଁରେ ଥିବା ଝାଙ୍କିରି ବା ଗ୍ରାମଦେବୀଙ୍କ ନିକଟରେ ଚାଷ ସମ୍ପର୍କିତ ନୂଆ ବିହନ ପୋତି ଚାଷ କାମ ଆରମ୍ଭ କରିଥାନ୍ତି। ଏହାକୁ ଅଧିବାସୀ ପରମ୍ପରା ହିସାବରେ ପିଠାପଣା କରି ଧୁମଧାମରେ ଏହି ମାସସାରା ପର୍ବ ପାଳନ୍ତି।

## ଆରିୟନ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗୁଡାରୀ, ୧୪।୪(ସମିସ):** ଗୁଡାରୀ ଆରିୟନ ଇଂରାଜୀ ବିଦ୍ୟାଳୟରେ ୧୩ତମ ବାର୍ଷିକ ଉତ୍ସବ ଗତ ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏଥିରେ ଗୁଡାରୀ ଉଚ୍ଚ ସରକାରୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜକିଶୋର ସାହୁ ଏବଂ ପଦ୍ମପୁର ଆର.ଜି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଉଦୟଚନ୍ଦ୍ର ସାହୁଙ୍କ ସହ ବିଦ୍ୟାଳୟର ପ୍ରତିଷ୍ଠାତା ହରିଶରଣ ଦାସ, ସମ୍ପାଦିକା ସ୍ୱର୍ଣ୍ଣମଞ୍ଜରୀ ଦାସ, ମନୋଜ ପାତ୍ର, ଅଧ୍ୟକ୍ଷ ଯଶସ୍ୱୀ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ମୋଦେର୍ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହୋଉଥିବା ଏହି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚରେ ଅତିଥିଙ୍କ ଦ୍ୱାରା ୨୦୨୨-୨୩ ସିବିଏସ୍‌ଇ ପରୀକ୍ଷାରେ ପ୍ରତି ଶ୍ରେଣୀର ଟପ୍ପର ହେଇଥିବା ଛାତ୍ରଛାତ୍ରୀ ଏବଂ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। କୁନି କୁନି ପିଲା ବିଭିନ୍ନ ପ୍ରକାରର ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଜିହୁଦା ସାନ୍ତା ଓ ଶିବାନୀ ସାହୁଙ୍କ ସହ ଅଭିଭାବକ ଏବଂ ସାଧାରଣ ଦର୍ଶକ ଯୋଗ ଦେଇଥିଲେ।



## ପାନୀୟ ଜଳର ଅପଚୟ

**କଲ୍ୟାଣସିଂହପୁର,୧୪।୪(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ବିଭିନ୍ନ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଅପଚୟ ହେଉଥିବା ଦେଖିବାକୁ ମିଳିଛି। ଗ୍ରୀଷ୍ମ ଋତୁରେ ପ୍ରବଳ ଖରାରେ ମୁନ୍ଦାଏ ପାଣି ପାଇଁ ଲୋକମାନେ ହାହାକାର ହେଉଥିବାବେଳେ ଏଠାରେ ବିଶୁଦ୍ଧ ପାନୀୟ ଜଳ ଅପଚୟ ହେଉଥିବା ଦେଖିବାକୁ ମିଳିଛି। ସଦର ମହକୁମାର ବଡ଼ବ୍ରାହ୍ମଣ ସାହିରେ ଥିବା ଷ୍ଟାଣ୍ଡ ପଏଣ୍ଟରେ କେବଳ ସିମେଣ୍ଟ ତିଆରି ଖମ୍ବ ରହିଛି କିନ୍ତୁ ସେଥିରେ ରହିଥିବା ଲୁହା ପାଇପ୍ କେହି ନେଇଯାଇଥିବା ଅଭିଯୋଗ ହୋଇଛି। ସେଥିରେ ଲୁହା ପାଇପ୍ ନ ଥିବାରୁ ଲୋକେ ପାଣି ନେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ବିଶୁଦ୍ଧ ପାନୀୟ ଅପଚୟ ହେଉଛି। ସେହିପରି ମୁଖ୍ୟ ରାସ୍ତାରେ ଥିବା ଆର୍ ନାଗେଶ ରାଓ ଏବଂ ଜି. ମୁଟୁଲା ଏହି ଦୁଇଘରର ଲୋକେ ଘରକୁ ପାଇପ ଲାଇନ ନେଇଛନ୍ତି। କିନ୍ତୁ ତାହା ଫାଟି ରାସ୍ତାରେ ପାନୀୟ ଜଳ ନଷ୍ଟ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଗୌତମ ବାର୍ଲି, ଜଳ ଯୋଗାଣର କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ତା'ର କୌଣସି ମରାମତି କରାଯାଇପାରୁନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ତୁରନ୍ତ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।



# ନାଗାବଳୀରେ କାଠ ପୋଲ ନିର୍ମାଣ କଲେ କାଙ୍ଗସିରି ଗ୍ରାମବାସୀ

**କଲ୍ୟାଣସିଂହପୁର,୧୪।୪(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଶିଙ୍ଗାରି ପଞ୍ଚାୟତର କାଙ୍ଗସିରି ଗ୍ରାମ ଲୋକମାନେ ନାଗାବଳୀ ନଦୀରେ କାଠ ପୋଲ ନିର୍ମାଣ କରିଥିବା ଦେଖିବାକୁ ମିଳିଛି। କାଙ୍ଗସିରି ଗାଁରେ ପ୍ରାୟ ୩୫ ଘର ରହିଛି। ଶିଙ୍ଗାରି ପଞ୍ଚାୟତ ଓ କାଙ୍ଗସିରି ମଝିରେ ନାଗାବଳୀ ନଦୀ ବହିଯାଇଛି। ଉକ୍ତ ନଦୀ ଦେଇ ଗ୍ରାମର ମହିଳା ଓ ପୁରୁଷମାନେ ପଞ୍ଚାୟତକୁ ବିଧବା, ବିକଳାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା, ଅଙ୍ଗନବାଡ଼ି କେନ୍ଦ୍ରଠାରୁ ଛତୁଆ, ଅଣ୍ଡା, ଛୋଟ ଛୋଟ ଶିଶୁଙ୍କୁ ନେଇ ଓଜନ କରାଇବା ଏବଂ ପିଲାମାନେ ବିଦ୍ୟାଳୟ କୁ ଯାଇଥାନ୍ତି। ଅନ୍ୟ ଋତୁରେ ନଦୀରେ ପଶି ଯାତାୟାତ କରିଥାନ୍ତି। ବର୍ଷା ଋତୁ ଆସିଲେ କିମ୍ବା ଅଦିନିଆ ବର୍ଷା ହେଲେ ଭରା ନଦୀରେ ଯାତାୟାତ କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନାଗାବଳୀ ନଦୀରେ ଏକ ପୋଲ ନିର୍ମାଣ କରିବା ପାଇଁ ପଞ୍ଚାୟତ, ବ୍ଲକ୍ ପ୍ରଶାସନ ଓ ପ୍ରତି ନିର୍ବାଚନରେ ଆସୁଥିବା ନେତା ମନ୍ତ୍ରୀଙ୍କୁ ବାରମ୍ବାର ଗୁହାରି କରୁଥିଲେ ବି ପ୍ରତିଶ୍ରୁତି ଦେଇ ନିର୍ବାଚନ ପରେ ସବୁ ଭୁଲି ଯାଉଛନ୍ତି। ଗ୍ରାମର ସମସ୍ତ ପରିବାର ଏକତ୍ରିତ ହୋଇ ଜଙ୍ଗଲରୁ କାଠ ସଂଗ୍ରହ କରି ଆଣିଥିଲେ। ଗ୍ରାମର ସମସ୍ତ ମହିଳା କାଠ ସଜାଇବା ପରେ ବଡ଼ ବଡ଼ କାଠକୁ ପକାଇ ତା' ଉପରେ ଛୋଟ ଛୋଟ ସାଇଜ୍ କାଠ କାଟି କଣ୍ଟା ମାରି ଦୁଇ ଚକିଆ ଯାନ ଯିବା ପରି ପୋଲ ନିର୍ମାଣ କରିଛନ୍ତି। ବର୍ତ୍ତମାନ ଲୋକସଭା ଓ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ପ୍ରଚାର ନିମନ୍ତେ ଯେଉଁ ଦଳ ଆସିବ ସେମାନଙ୍କୁ ଗ୍ରାମରେ ପୂରାଇଦେବୁ ନାହିଁ, ବ୍ରିଜ୍ ନାହିଁ ତ ଭୋଟ୍ ନାହିଁ କହି ଘଉଡ଼ାଇ ଦେବୁ ବୋଲି ମାନୁ ଶିକକା, ପୁଲକୀ ବିଦ୍ରକା ପ୍ରମୁଖ ପ୍ରକାଶ କରିଛନ୍ତି।



## ବିଜେଡିର କଲ୍ ସେଣ୍ଟର ଉଦ୍‌ଘାଟିତ



**ରାୟଗଡ଼ା,୧୪।୪(ସମିସ)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାୟଗଡ଼ା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ରାୟଗଡ଼ା ସହରର ତେଜସ୍ୱୀ ହୋଟେଲ ସମ୍ମୁଖ ପଡ଼ିଆଠାରେ କଲ୍ ସେଣ୍ଟରର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ଏନ.ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କଲ୍ ସେଣ୍ଟରକୁ ଉଦଘାଟନ କରିଥିବାବେଳେ ରାୟଗଡ଼ା ବିଧାନସଭା ଆସନ ବିଧାୟକ ପ୍ରାର୍ଥିନୀ ଅନସୂୟା ମାଝୀ ଉପସ୍ଥିତ ଥିଲେ। ଏହି କଲ୍ ସେଣ୍ଟରରେ ବହୁ ଯୁବକଯୁବତୀଙ୍କୁ ନିଯୁକ୍ତ କରାଯାଇଥିବାବେଳେ ସେମାନେ ରାୟଗଡ଼ା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ କଲ୍ କରି ରାଜ୍ୟ ସରକାରଙ୍କ ଜନହିତକର ଯୋଜନାରେ ହିତାଧିକାରୀ ଭାବେ କେମିତି ଉପକୃତ ହୋଇପାରିଛନ୍ତି ତଥା କେଉଁ କେଉଁ ଯୋଜନାରୁ ଉପକୃତ ହୋଇପାରି ନାହାନ୍ତି ସେମାନଙ୍କୁ ଉକ୍ତ ଯୋଜନାରେ କେମିତି ଭାବେ ସେବା ଉପଲବ୍ଧ ହୋଇପାରିବ ସେ ନେଇ ପଚାରି ବୁଝିବେ ବୋଲି ଜଣାପଡ଼ିଛି। ଏଭଳି କଲ୍ ଯିବା ଦ୍ୱାରା ଲୋକେ ରାଜ୍ୟ ସରକାରଙ୍କ ଅନେକ ଯୋଜନାରେ ଅଧିକ ଅବଗତ ହେବା ସହ ନିଜ ଅଧିକାର ପାଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

# ସେଞ୍ଚୁରୀ ମାରିଲା ଲେମ୍ବୁ ଦର; ପରିବାଡାଲାରୁ ଉଭାନ

**ଏମଭି ୭୯,(ସମିସ)୧୪।୪:**



ଖରା ଦିନ ଆସିଲେ ସମସ୍ତଙ୍କୁ ବିଭିନ୍ନ ସରବତ କିମ୍ବା ପାନୀୟର ଆବଶ୍ୟକତା ହୋଇଥାଏ। ସାଧାରଣତଃ ଲୋକେ ଖରାଦିନ ଦହି ସହ ମିଶିରି ଏବଂ ଲେମ୍ବୁ ପାଣି ପିବାକୁ ପସନ୍ଦ କରୁଥିବାବେଳେ ଖରା ଦିନ ଆସିଲେ ବଢ଼ିଥାଏ ଲେମ୍ବୁର ଚାହିଦା। କିନ୍ତୁ ବର୍ତ୍ତମାନ ଏହି ଲେମ୍ବୁ ଆଉ ସାଧାରଣ ଲୋକଙ୍କ ପରିବାଡାଲାରେ ଦେଖିବାକୁ ମିଳୁନି। କାରଣ ଏହାର ଦର ବର୍ତ୍ତମାନ ଆକାଶଛୁଆଁ ହୋଇଯାଇଛି। ମାଲକାନଗିରି ଜିଲ୍ଲାର ଏମଭି ୭୯ ଅଞ୍ଚଳରେ ବର୍ତ୍ତମାନ ଲେମ୍ବୁଦର ବଢ଼ିବା ସହ କିଲୋ ହିସାବରେ ବିକ୍ରି ହେଉଛି ଲେମ୍ବୁ। ଗରିବ ଲୋକେ ଯେଉଁଠି କିଲେ ଚାଉଳ ସରକାରୀ ଯୋଜନାରେ ୧ ଟଙ୍କାରେ ପାଉଛନ୍ତି ସେଠାରେ ବର୍ତ୍ତମାନ ଲେମ୍ବୁ ଦର କିଲୋ ପ୍ରତି ୧୦୦ ଟପିଛି।

ବଜାରରେ ଗୋଟିଏ ରସଗୋଲାକୁ ଲୋକେ ୫ ଟଙ୍କାରେ କିଣୁଥିବାବେଳେ ବର୍ତ୍ତମାନ ଲେମ୍ବୁଟିଏ ମଧ୍ୟ ୫ରୁ ୭ ଟଙ୍କାକୁ ଛୁଇଁଛି। ଯାହାକୁ ନେଇ ଲୋକେ ଖରାଦିନେ ଅଧିକ ଆବଶ୍ୟକ ହେଉଥିବା ଲେମ୍ବୁଠାରୁ ମୁହଁ ଫେରାଇ ନେଲେଣି। ଏଣିକି ଲେମ୍ବୁ ବି କହିଲାଣି ମୋତେ ଛୁଅଁନା ଖଟା ହେଲେ ବି ମୋ ଭାଉ କମ୍ ନୁହଁ। ତେବେ ରାଜ୍ୟରେ ଲେମ୍ବୁ ଯୋଗାଣରେ ଘୋର ଅଭାବ ହୋଇଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ବ୍ୟବସାୟୀ ପ୍ରକାଶ କରିଛନ୍ତି। ପୂର୍ବରୁ ଲେମ୍ବୁ କିଲୋ ପ୍ରତି ୫୦ ଟାଙ୍କା ମଧ୍ୟରେ ରହୁଥିବାବେଳେ ଏବେ ତାହା ୧୦୦ ପାର୍ କରିଛି। ଯାହାକୁ ନେଇ ଗ୍ରାହକମାନେ କହିଛନ୍ତି ଯେ ଲେମ୍ବୁ ଦର ଆମ ବଜେଟ ବାହାରକୁ ଚାଲିଯାଇଛି। ଯାହାକି ଆମ ରୋଷେଇ ଘରେ ଏହାର ପ୍ରଭାବ ପଡୁଛି। ହେଲେ ଖରା ଦିନ ହେଲେ ଲେମ୍ବୁଟିର ଆବଶ୍ୟକତା ଅଧିକ ହେଉଥିବାବେଳେ ଦର ଅଧିକ ଯୋଗୁଁ ଆମେ ଆଉ ଲେମ୍ବୁ କିଣୁ ନାହୁଁ ବୋଲି ଗ୍ରାହକମାନେ ପ୍ରକାଶ କରିଛନ୍ତି। ତେବେ ଚାହିଦା ଅନୁସାରେ ଲେମ୍ବୁର ଯୋଗାଣ ହୋଇପାରୁ ନ ଥିବାରୁ ଦର ହୁ ହୁ ହୋଇ ବଢୁଥିବାବେଳେ ସାଧାରଣ ଲୋକେ ଇଚ୍ଛା ଥାଇ ବି ଲେମ୍ବୁ କିଣିବାକୁ ମନଉଣା କରୁଛନ୍ତି। କେବଳ ଲେମ୍ବୁ ନୁହଁ କାକୁଡ଼ି ଦର ମଧ୍ୟ ନ କହିବା ଭଲ। ଲେମ୍ବୁର ଦର ବୃଦ୍ଧି ଯୋଗୁଁ ଉଭୟ ବିକ୍ରେତା ଏବଂ କ୍ରେତାଙ୍କୁ ଏହା ପ୍ରଭାବିତ କରିଛି। ଯାହା ଫଳରେ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି ଲେମ୍ବୁ କହିଲାଣି ମୋତେ ଆଉ ଛୁଅଁନା।

# ବାଲିମେଳାରେ ଠାକୁରାଣୀ ଯାତ୍ରା ଆରମ୍ଭ

**ବାଲିମେଳା,୧୪।୪(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଳା ନଗରରେ ଗ୍ରାମଦେବୀ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଯାଇଛି। ଦୁଇ ବର୍ଷ ପରେ ମା'ଙ୍କ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଅଞ୍ଚଳବାସୀ ବହୁ ଉତ୍ସାହିତ ଥିବା ଦେଖିବାକୁ ମିଳୁଛି। ସହରର ବିଭିନ୍ନ ଛକ ସ୍ଥାନରେ ବଡ଼ ବଡ଼ ତୋରଣ ସହ ରଙ୍ଗୀନ ଆଲୋକମାଳାରେ ଝଲସୁଛି। ପ୍ରତି ସାହିରେ ଥିବା ଠାକୁରାଣୀମାନେ ବାହାରକୁ ବାହାରି ୧୨ ନଂ ୱାର୍ଡରେ ଥିବା ସାତ ଭଉଣୀ ମନ୍ଦିରରେ ଏକତ୍ରିତ ହୋଇଥିଲେ। ଶନିବାର ରାତିରେ ସମସ୍ତ ଠାକୁରାଣୀ ଓ ଗ୍ରାମଦେବୀ ଏକତ୍ରିତ ହୋଇ ପାରମ୍ପରିକ ବାଦ୍ୟ ଓ ନାଚଗୀତରେ ବିଭିନ୍ନ ରାସ୍ତା ଦେଇ ମେଳଣ ପଡ଼ିଆକୁ ମଧ୍ୟରାତ୍ରି ସମୟରେ ପହଞ୍ଚିଥିଲେ। ରାସ୍ତାରେ ଶହ ଶହ ଶ୍ରଦ୍ଧାଳୁ ମା'ଙ୍କୁ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ବିଭିନ୍ନ ସଂଗଠନ ପକ୍ଷରୁ ଜନସାଧାରଣ ପାଇଁ ପଣା ଓ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା।



ଗ୍ରାମଦେବୀ ପହଞ୍ଚିବା ପରେ ଜନସାଧାରଣଙ୍କ ପାଇଁ ପାରମ୍ପରିକ ନାଟ ଓ ମେଲୋଡି କାର୍ଯ୍ୟକ୍ରମ କମିଟି ଦ୍ୱାରା ଆୟୋଜନ କରାଯାଇଥିଲା। ଏହି ଯାତ୍ରା ତିନି ଦିନ ଧରି ଚାଲିବ। ଆସନ୍ତା ୧୬ ତାରିଖରେ ପ୍ରଭାତରୁ ସମସ୍ତ ଠାକୁରାଣୀ ଓ ଗ୍ରାମଦେବୀ ନିଜ ନିଜ ସ୍ଥାନକୁ ଫେରିଯିବା କାର୍ଯ୍ୟକ୍ରମ ରହିଛି। ଯାତ୍ରା କମିଟିର ସଭାପତି ତଥା ବାଲିମେଳା ନଗରପାଳ ପ୍ରଦୀପ କୁମାର ନାୟକଙ୍କ କହିବା ଅନୁଯାୟୀ, ଲୋକଙ୍କ ମନୋରଞ୍ଜନ ନିମନ୍ତେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସହ କଳାହାଣ୍ଡି ଓ ଜୟପୁରର ମେଲୋଡି କାର୍ଯ୍ୟକ୍ରମ ରଖାଯାଇଛି। ସନ୍ଧ୍ୟାରେ ମିନାବଜାର ବିଭିନ୍ନ ଷ୍ଟଲରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି।

■ ଦୈନିକ ବଜାର ହନୁମାନ ପ୍ରତିମୂର୍ତ୍ତିର ୨୫ ବର୍ଷ ପ୍ରତିଷ୍ଠା ଉତ୍ସବ

# ସର୍ବପୁରାତନ ଦକ୍ଷିଣମୁଖୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା

**ଜୟପୁର,୧୪।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର କୁମାର ବିଦ୍ୟାଧର ସିଂଦେଓ ଦୈନିକ ବଜାରଠାରେ ପ୍ରତିଷ୍ଠା ହୋଇଥିବା ୨୦ ଫୁଟ ଉଚ୍ଚତା ବୀର ହନୁମାନଙ୍କ ପ୍ରତିମୂର୍ତ୍ତି ୨୫ତମ ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ରବିବାର ପୂର୍ବାହ୍ନରୁ ୧୦୮ ହନୁମାନ ଚାଳିଶା ପାଠ ଅନୁଷ୍ଠିତ ହୋଇଥିଲା। ମୃଦଙ୍ଗ, ବାଜା ବାଜଣା ସହିତ ଗିନି ବଜାଇ ଭକ୍ତ ଓ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ଚାଳିଶା ପାଠ କରିଥିଲେ। ଏହି ଅବସରେ ଲଡୁ, ପାନପତ୍ର, ଗୁଆ ଏବଂ ପଣା ଭୋଗ ଭାବେ ଲାଗି ହୋଇଥିଲା। ସେହିପରି ସହରର ମୁଖ୍ୟ ରାସ୍ତା ୱେଲକମ୍ ଛକ ଠାରେ ରହିଥିବା ୧୬୪ ବର୍ଷ ପୁରାତନ ଏବଂ ସହରର ପ୍ରଥମ ଦକ୍ଷିଣମୁଖି ହନୁମାନ ମନ୍ଦିରଠାରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ବୀର ହନୁମାନଙ୍କ ଜନ୍ମୋତ୍ସବ ଏବଂ ବିଷୁବ ସଂକ୍ରାନ୍ତି ମହାଆଡମ୍ବର ସହିତ ରୀତିନୀତି ଏବଂ ହୋମଯଜ୍ଞରେ ପାଳନ କରାଯାଇଛି। ଏହି ଅବସରରେ ପୂର୍ବାହ୍ନରେ ପୁରୋହିତ ଓ ବ୍ରାହ୍ମଣ ଙ୍କ ଦ୍ୱାରା ହୋମଯଜ୍ଞ ଏବଂ ପୂଜାର୍ଚ୍ଚନା ପରେ ମୁଖ୍ୟ ରାସ୍ତାରେ ଭକ୍ତ, ଶ୍ରଦ୍ଧାଳୁ ଏବଂ ସାଧାରଣ ଲୋକଙ୍କୁ ବିଭିନ୍ନ ଫଳ ଓ ମିଷ୍ଟାନ୍ନରେ ପ୍ରସ୍ତୁତ ପଣା ବଣ୍ଟନ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ପୁଣି ପ୍ରସ୍ତୁତ କରାଯାଇ ରାତି ମଧ୍ୟ ପଣା ବଣ୍ଟନ ହୋଇଥିଲା। ଏହା ଆୟତନରେ ଛୋଟ ମନ୍ଦିର ହୋଇଥିଲେ ସୁଦ୍ଧା ସ୍ଥାନୀୟ ଲୋକମାନଙ୍କ ଏହି ମନ୍ଦିର ଉପରେ ଆସ୍ଥା ଓ ବିଶ୍ୱାସ ଯୋଗୁଁ ପ୍ରତ୍ୟେକ ମାସ ସଂକ୍ରାନ୍ତିରେ ଏଠାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭୀଡ଼ ଅଧିକ ଜମିଥାଏ। ଜୟପୁର ସହରର ବାସିନ୍ଦା ତଥା ପ୍ରତିଷ୍ଠିତ ଅନ୍ୟତମ କ୍ଷତ୍ରୀୟ ଜମିଦାର ସିଂଦେଓ ଲାଲ୍ ସାଙ୍ଗାଧାରୀ ସମ୍ପ୍ରଦାୟ ପକ୍ଷରୁ ୧୮୬୦ ମସିହାରେ ପଥରରେ ନିର୍ମିତ ହନୁମାନ ମୂର୍ତ୍ତି ଏବଂ ଅଷ୍ଟଧାତୁର ଶ୍ରୀ ରାମ, ମାତା ସୀତା ଏବଂ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରିଥିବା ନେଇ ଏହାର ପୂଜକ ତଥା ପରିଚାଳକ କିଶୋର ଚୌଧୁରୀ ପ୍ରକାଶ କରିଛନ୍ତି।



# ବୃଦ୍ଧା ନିଖୋଜ; ପରିବାର ଲୋକେ ପୁଲିସର ଦ୍ୱାରସ୍ଥ

**କୋରାପୁଟ,୧୪।୪(ସମିସ):** ଗତ ରବିବାରଠାରୁ ଜୟପୁର ସମ୍ବାରୀ ତୋଟା ସାହିର ପଦ୍ମା ରାଉତରାୟ (୬୦) ନାମ୍ନୀ ଜଣେ ବୃଦ୍ଧା ନିଖୋଜ ଥିବା ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ବୃଦ୍ଧା ଜଣକ ସପ୍ତାହେ ହେଲା କେଉଁ ଆଡ଼େ ଚାଲି ଯାଇଛନ୍ତି। ପରିବାର ଲୋକେ ସେମାନଙ୍କ ସମ୍ପର୍କୀୟମାନଙ୍କ ଘରେ ଓ ଅନ୍ୟାନ୍ୟ ସ୍ଥାନରେ ଖୋଜାଖୋଜି କରି ନ ପାଇବା ପରେ ମଝିଆ ପୁଅ ବିକ୍ରମ ରାଉତରାୟ ଜୟପୁର ଟାଉନ ଥାନାରେ ଏତଲା ଦେଇଥିବା ବିକ୍ରମଙ୍କ ଭାଇ ସଂଗ୍ରାମ ରାଉତରାୟ କହିଛନ୍ତି।

# ସତ୍ତା ସାହିତ୍ୟ ସଂସଦର ୪୨ତମ ବାର୍ଷିକ ଉତ୍ସବ



**କୋରାପୁଟ,୧୪।୪(ସମିସ):** ସ୍ଥାନୀୟ ଅତିଥି ଭବନଠାରେ କୋରାପୁଟ ସତ୍ତା ସାହିତ୍ୟ ସଂସଦର ୪୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନାଭ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସତ୍ତା ସାହିତ୍ୟ ସଂସଦର ସଭାପତି ଜଳଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଷୁବ ସାରସ୍ୱତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରଶେଖର ହୋତା ଓ ରବୀନ୍ଦ୍ର କୁମାର ବିହାରୀଙ୍କୁ ସତ୍ତା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହେଶ୍ୱର ପାଢ଼ୀ ଏବଂ ରଶ୍ମିରାଣୀ ଦାସଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ତଥା ଅଧ୍ୟାପିକା ଡ. ପ୍ରୀତିଧାରା ସାମଲ ଓ ବିଜୟ ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ଓଡ଼ିଆ କବିତାର ଗତି ଓ ପ୍ରକୃତି ଆଲୋଚ୍ୟ ବିଷୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ରବି ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୌମେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ଦିବ୍ୟାଙ୍ଗ ଶିବାଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

# ସହାୟତା ପାଇଁ ପ୍ରଶାସନକୁ ଗୁହାରି

**ପାପଡ଼ାହାଣ୍ଡି,୧୪।୪(ସମିସ)**

ବୟସ ୪ ବର୍ଷ ହୋଇଥିଲେ ମଧ୍ୟ ଚାଲି ପାରୁନାହାନ୍ତି, କଥା ହୋଇପାରୁ ନାହାନ୍ତି। ମାନସିକ ସ୍ଥିତି ମଧ୍ୟ ଠିକ୍ ନାହିଁ। ଏପରି ଦିବ୍ୟାଙ୍ଗ ଥିବା ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ପଞ୍ଚାୟତ ପଣ୍ଡିକୋଟ ପଞ୍ଚାୟତ ସଦର ଗ୍ରାମର ଶିବା ଯାନୀଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଶିବାଙ୍କ ଚିକିତ୍ସାରେ ସହାୟତା ପାଇଁ ପ୍ରଶାସନ ନିକଟରେ ଗୁହାରୀ କରିଛନ୍ତି ପରିବାର। ଅନାଦୁ ଯାନୀ ଏବଂ ହେମବତୀ ଯାନିଙ୍କ ଚତୁର୍ଥ ସନ୍ତାନ ଶିବା ଯାନୀ। ବୟସ ମାତ୍ର ୪ ବର୍ଷ ହୋଇଥିବାବେଳେ ସେ ଜନ୍ମରୁ ମାନସିକ ରୋଗୀ। କଥା କହିପାରୁ ନାହାନ୍ତି କି ଚାଲି ପାରୁନାହାନ୍ତି। ଗତ ବର୍ଷ ପାପଡ଼ାହାଣ୍ଡି ଡାକ୍ତରଖାନାକୁ ପିତା ମାତା ନେଇ ଯାଇଥିଲେ। ଡାକ୍ତର ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର କୋରାପୁଟକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ପୁଣି ଡାକ୍ତର କଟକ ନେବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଶିବାକୁ କଟକ ନେଇ ଚିକିତ୍ସା କରାଇବା ପାଇଁ ପରିବାର ଲୋକଙ୍କ ପାଖରେ ଅର୍ଥର ଅଭାବ ରହିଥିଲା। ଏଣୁ ପରିବାର ଲୋକେ ଶିବାକୁ କଟକ ନେଇ ଚିକିତ୍ସା କରାଇପାରି ନ ଥିଲେ। ଶିବାଙ୍କ ବାପା ଅନାଦୁ ଯାନୀ ଜଣେ ଟ୍ରାକ୍ଟର ଡ୍ରାଇଭର ହୋଇଥିବାବେଳେ ମାଆ ଗୃହିଣୀ। ଯାହା ରୋଜଗାର ହୁଏ ପରିବାର ଭରଣପୋଷଣରେ ତାହା ଚାଲିଯାଉଛି। ବର୍ତ୍ତମାନ ପରିବାର ପାଖରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଅଛି। କିନ୍ତୁ ସେହି କାର୍ଡରେ ଶିବା ନାମ ଯୋଡ଼ି ହୋଇ ନ ଥିବାରୁ ସ୍ୱାସ୍ଥ୍ୟ କାର୍ଡ ମଧ୍ୟ କାମରେ ଆସୁନାହିଁ। ଶିବାର ବର୍ତ୍ତମାନ ପର୍ଯ୍ୟନ୍ତ ଭିନ୍ନକ୍ଷମ ପ୍ରମାଣ ପାତ୍ର ମଧ୍ୟ ହୋଇପାରିନାହିଁ। ଯଦ୍ୱାରା ସରକାରଙ୍କ ଭତ୍ତା ମଧ୍ୟ ପାଇପାରୁନାହିଁ। ଏନେଇ ପାପଡ଼ାହାଣ୍ଡି ବିଡିଓ କପିଳ ଦେବ ସାହୁଙ୍କୁ ପଚାରିବାରେ, ଶିବା ବିଷୟରେ ଆପଣଙ୍କଠାରୁ ଜାଣିବାକୁ ପାଇଲି। ଆମ ହାତରେ ଯାହା ସାହାଯ୍ୟ ହୋଇପାରିବ ଆମେ କରିବୁ ବୋଲି ବିଡିଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



# କଳିଙ୍ଗ ସାହିତ୍ୟ ପରିଷଦ ତରଫରୁ ବିଷୁବ ସାହିତ୍ୟ ଆସର

**ମାଲକାନଗିରି,୧୪।୪(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମା ପୂର୍ବତନ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କଳିଙ୍ଗ ସାହିତ୍ୟ ପରିଷଦ, ମାଲକାନଗିରି ତରଫରୁ ମହାବିଷୁବ ସଂକ୍ରାନ୍ତୀ ଉପଲକ୍ଷେ ବିଷୁବ ସାହିତ୍ୟ ଆସର ଏବଂ ଓଡ଼ିଆ ନବବର୍ଷ ପରିଷଦର ମୁଖ୍ୟ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଏମଭି ୩ ମଡେଲ ଡିଗ୍ରୀ କଲେଜର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଗୌତମସେନ ହାଁସଦା ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ମଡେଲ ଡିଗ୍ରୀ କଲେଜର ଓଡ଼ିଆ ବିଭାଗ ସହକାରୀ ପ୍ରାଧ୍ୟାପକ ଡ. ଚିନ୍ମୟ କୁମାର ବେହେରା ଯୋଗଦେଇ ସାମ୍ପ୍ରତିକ ସମୟରେ ସାହିତ୍ୟର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର, ଗୋପିକୃଷ୍ଣ ପଟ୍ଟନାୟକ, ଅଶୋକ ମିଶ୍ର ଯୋଗଦେଇଥିବା ବେଳେ ଶିକ୍ଷାବିତ୍ ରବିନ୍ଦ୍ର କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ପ୍ରଧାନଶିକ୍ଷକ ସମୀରକାନ୍ତ ରଥ ଓ କବିର ମୋହନ ବେହେରା ଏହାର ସଂଯୋଜନା କରିଥିଲେ। ଏହି ଉପଲକ୍ଷେ ଏକ କବିତା ଓ ସାହିତ୍ୟ ଆସର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଜିଲ୍ଲାର ବହୁ କବିମାନେ ଯୋଗଦେଇ ଓଡ଼ିଆ ସାହିତ୍ୟର ମହତ୍ୱ ସମ୍ବନ୍ଧରେ ନିଜ ନିଜର କବିତା ମାଧ୍ୟମରେ ଜଣାଇଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ କବିତାପାଠ କରଯାଇଥିଲା। ଏହି ଉପଲକ୍ଷେ ଓଡ଼ିଆ ସାହିତ୍ୟ ଓ ଭାଷାକୁ ଲୋକଙ୍କ ମଧ୍ୟରେ ଉଜ୍ଜୀବିତ କରି ରଖିବା ପାଇଁ ପ୍ରୟାସ କରୁଥିବା ବରିଷ୍ଠ ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର, ଗୋପିକୃଷ୍ଣ ପଟ୍ଟନାୟକ ଓ ଅଶୋକ ମିଶ୍ରଙ୍କୁ ପରିଷଦ ତରଫରୁ ବିଷୁବ ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ୫୦ରୁ ଊର୍ଦ୍ଧ୍ୱ କବିଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କବିମାନଙ୍କ ମଧ୍ୟରେ ରଞ୍ଜିତ ନାୟକ, ରଶ୍ମିତା ଦାସ, ସତରୂପା ମିଶ୍ର, ଭାରତୀ ଦେବୀ, ବୀଣାପାଣି ଦେବୀ, ସୁରମା ମହାରଥା ପ୍ରମୁଖଙ୍କ ସହ ବହୁ କବି ଓ କବୟିତ୍ରୀମାନେ ଉପସ୍ଥିତ ଥିବାବେଳେ ପ୍ରକାଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ତଣ୍ଟିଚିପି ଯୁବକଙ୍କୁ ହତ୍ୟା; ସାନଭାଇ ଗିରଫ, ବଡ଼ଭାଇ ଫେରାର୍

**ଜୟପୁର,୧୪।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ତଣ୍ଟିଚିପି ହତ୍ୟା ଅଭିଯୋଗରେ ଅଭିଯୁକ୍ତ ସାନଭାଇକୁ ଗିରଫ କରିଥିବାବେଳେ ବଡ଼ଭାଇ ଫେରାର୍ ହୋଇଯାଇଛି। ଗିରଫ ଅଭିଯୁକ୍ତ ସାନଭାଇ ସ୍ଥାନୀୟ ପ୍ରଧାନୀଗୁଡ଼ାର ସୁଶିଳ ନାୟକ (୪୯) ହୋଇଥିବାବେଳେ ଫେରାର୍ ବଡ଼ଭାଇ ବାବୁଲି ନାୟକ ବୋଲି ଜଣାପଡ଼ିଛି।

ପୁଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ଜମିକୁ ପାଣି ନେବା ଘଟଣାକୁ ନେଇ ପଡ଼ୋଶୀ ଜମି ମାଲିକ ଦିବାକର ସାହୁଙ୍କ ସହିତ ଅଭିଯୁକ୍ତ ସୁଶିଳଙ୍କ ପରିବାର ମଧ୍ୟରେ ବାଦବିବାଦ ଲାଗିରହିଥିଲା। ଶନିବାର ରାତିରେ ଅଭିଯୋଗକାରୀ ବାପା ଦିବାକର ଏବଂ ତାଙ୍କ ପୁଅ ନାରାୟଣଙ୍କ ସହିତ ଅଭିଯୁକ୍ତ ସୁଶିଳ ଏବଂ ତାଙ୍କ ବଡ଼ଭାଇ ବାବୁଲିଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ପାଟିତୁଣ୍ଡରୁ ଉଭୟଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ହେଉଥିଲା। ଶେଷରେ ଅଭିଯୁକ୍ତ ଦୁଇ ଭାଇ ନାରାୟଣଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ବାପା ଦିବାକର ଥାନାରେ ଏତଲା ଦେବା ପରେ ଘଟଣାସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ତଦନ୍ତ କରିବା ସହିତ ଅଭିଯୁକ୍ତ ସାନଭାଇ ସୁଶିଳଙ୍କୁ ଗିରଫ କରିଥିବାବେଳେ ବଡ଼ଭାଇ ଫେରାର୍ ହୋଇଯାଇଛନ୍ତି। ନାରାୟଣଙ୍କ ମୃତଦେହକୁ ପୁଲିସ ଜବତ କରିବା ସହିତ ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହତ୍ୟା ଅଭିଯୋଗ ନେଇ ଏକ ମାମଲା ରୁଜୁ କରିବା ସହ ଫେରାର୍ ଅଭିଯୁକ୍ତ ବଡ଼ଭାଇକୁ ଅତିଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡୀ ପ୍ରକାଶ କରିଛନ୍ତି।

## ସେମିଳିଗୁଡ଼ା ବ୍ଲକ୍‌କୁ ସାଂସଦ ପ୍ରାର୍ଥୀଙ୍କ ଗସ୍ତ

**ସେମିଳିଗୁଡ଼ା,୧୪।୪(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକକୁ କୋରାପୁଟ ସାଂସଦ, ବର୍ତ୍ତମାନର କଂଗ୍ରେସର ସାଂସଦ ପ୍ରାର୍ଥୀ ସପ୍ତଗିରି ଉଲାକା ରବିବାର ଗସ୍ତ କରିଛନ୍ତି। ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ପଟ୍ଟାଙ୍ଗି କଂଗ୍ରେସ ପ୍ରାର୍ଥୀ ରାମ ଚନ୍ଦ୍ର କାଡ଼ାମଙ୍କ ବାସଭବନରେ କଂଗ୍ରେସ କର୍ମୀ ସମ୍ମେଳନରେ ଯୋଗଦେଇଥିଲେ। ପରେ ପାକଖୋଲା, ଦୋଲଇଗୁଡ଼ା, କୁନ୍ଦିଲି ପଞ୍ଚାୟତ ପରିଦର୍ଶନ କରି ସେଠାରେ ପ୍ରଚାର କରିଥିଲେ। କଂଗ୍ରେସ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ସାଂସଦଙ୍କ ଗସ୍ତ ସମୟରେ ପ୍ରାର୍ଥୀ ରାମ ଚନ୍ଦ୍ର କାଡ଼ାମ, କାର୍ଯ୍ୟକାରୀ ସଭାପତି ମନୋଜ ଆଚାର୍ଯ୍ୟ, ନେତା ଶୁକ୍ର ଖରା, ଅର୍ଜୁନ ବଙ୍କ, ବ୍ଲକ୍ କଂଗ୍ରେସ ସଭାପତି ସାନିଆ ମାଝୀ, କଂଗ୍ରେସ ସମର୍ଥନ ସମିତିସଭ୍ୟ, ସରପଞ୍ଚ ପ୍ରାର୍ଥୀ ଉପସ୍ଥିତ ଥିଲେ।

### ମହାବିଷୁବ ସଂକ୍ରାନ୍ତିରେ ହିନ୍ଦୁ ଏକତା ବାହିନୀର ଶୋଭାଯାତ୍ରା

# ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ



**ନବରଙ୍ଗପୁର, ୧୪।୪(ସମିସ):** ନବରଙ୍ଗପୁର ପବିତ୍ର ମହା ବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ତଥା ପବିତ୍ର ଓଡ଼ିଆ ନବ ବର୍ଷ ଅବସରରେ ନବରଙ୍ଗପୁର ହିନ୍ଦୁ ଏକତା ବାହିନୀ ତରଫରୁ ନବରଙ୍ଗପୁରଠାରେ ଏକ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଛି। ଦୀର୍ଘ ୯ ବର୍ଷ ହେବ ହିନ୍ଦୁ ଏକତା ବାହିନୀ ପକ୍ଷରୁ ହୋଇ ଆସୁଥିବା ଏହି ଶୋଭାଯାତ୍ରା ଚଳିତ ବର୍ଷ ଅର୍ଥାତ ନବମ ବର୍ଷରେ ମଧ ବହୁ ଆଡ଼ମ୍ବର ଏବଂ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ଚଳିତ ବର୍ଷ ଚାମୁରିଆଗୁଡ଼ାଠାରୁ ଆରମ୍ଭ ହୋଇ ନୂତନ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ପୁଣି ବସଷ୍ଟାଣ୍ଡ ଭିତରପଟୁ ୟୁ ଟର୍ଣ୍ଣ ଦେଇ ସେହି ରାସ୍ତାରେ ମା’ ଭଣ୍ଡାରଘରଣୀ ମନ୍ଦିର ନିକଟରେ ପହଞ୍ଚିଲା ପରେ ଶୋଭାଯାତ୍ରା ଶେଷ ହୋଇଥିଲା। ଏହି ଶୋଭାଯାତ୍ରାରେ ନବରଙ୍ଗପୁର ସହର ସହିତ ଆଖପାଖ ଗ୍ରାମାଞ୍ଚଳ ଏବଂ ନବରଙ୍ଗପୁର ପୌରପାଳିକାର ୧୫ରୁ ଅଧିକ କୀର୍ତ୍ତନ ମଣ୍ଡଳୀର ମହିଳା ଓ ପୁରୁଷ ଦଳ ଯୋଗ ଦେଇଥିବାବେଳେ ଶୋଭାଯାତ୍ରାକୁ ଭବ୍ୟ କରିବା ପାଇଁ ଜଗଦଲପୁର, ଜୟପୁର ଏବଂ ନବରଙ୍ଗପୁରର ଦୁଇଟି ମିଶି ମୋଟ ୫ଟି ଶ୍ରୀରାମ ଏବଂ ଶ୍ରୀହନୁମାନ ମୂର୍ତ୍ତିର ରଥକୁ ସାମିଲ କରାଯାଇଥିଲା। ଖରାର ପ୍ରକୋପ ଯୋଗୁଁ ଭୀଷଣ ଗରମ ହେଉଥିବାରୁ ସହର ମଧ୍ୟରେ ପାଖାପାଖି ୧୦ଟି ସ୍ଥାନରେ ପାଣି ଷ୍ଟଲର ବ୍ୟବସ୍ଥା କରାଯାଇଛି। ଏଥି ସହ ସହରର ପ୍ରମୁଖ ତିନିଟି ଛକ, ଗାନ୍ଧୀ ଛକ, ବସଷ୍ଟାଣ୍ଡ ଏବଂ ମା’ ଭଣ୍ଡାରଘରଣୀ ମନ୍ଦିର ନିକଟ ଭଳି ଅନେକ ସ୍ଥାନରେ ପଣା ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଶୋଭାଯାତ୍ରାରେ ନବରଙ୍ଗପୁର ସହରର ପୁରାତନ ୩ଟି ଆଖଡ଼ା ଆଖଡ଼ା ମା’ ଭବାନୀ ଆଖଡ଼ା କେଉଟସାହି ଏବଂ ଗୌଡ଼ସାହି ଆଖଡ଼ା ଏବଂ ସୌରା ସାହି ଆଖଡ଼ା ନିଜ ପାରମ୍ପରିକ ପାଇକ କଳା ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରାର ବିଭିନ୍ନ ଧରଣର ବାଜା ଓ ବାଦ୍ୟଯନ୍ତ୍ରକୁ ସାମିଲ କରାଯିବା ସହ ସହର ସାଜସଜ୍ଜା ପାଇଁ ୪ଟି ମନ୍ଦିର ଏବଂ ୫ଟି ଗେଟର ନିର୍ମାଣ ହୋଇଥିଲା ଏବଂ ଏହି ୪ଟି ମନ୍ଦିରରେ ପ୍ଲାଏବର୍ଡରେ ତିଆରି ହୋଇଥିବା ୮ ଫୁଟର ଶ୍ରୀରାମ ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତି ରହିଥିଲା ଓ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ହନୁମାନ ଚାଳିଶା ବାଜୁଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଝଣ୍ଡା ଓ ପୂରା ସହରରେ ଗୈରିକ ପତାକା ଲଗାଯାଇଥିଲା। ଆଜିର ଏହି ଶୋଭାଯାତ୍ରାରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନି, ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ, ପ୍ରମୋଦ କୁମାର ରଥ, ବାବୁଲି ମିଶ୍ର, ବଳଭଦ୍ର ମାଝୀ, ହିନ୍ଦୁ ଏକତା ବାହିନୀ ଆବାହକ ଗୌରୀ ଶଙ୍କର ସାହୁ, ଶାନ୍ତନୁ କୁମାର ପାତ୍ର, ଦିଲୁ ପଣ୍ଡା, ରବି ପଟ୍ଟନାୟକ, ପୂର୍ଣ୍ଣ ମହାପାତ୍ର, କୁନା ପଣ୍ଡା, ଲାଲୁ ତ୍ରିପାଠୀ, ସଞ୍ଜୟ ନାୟକ, ବୁଲୁ ପଟ୍ଟନାୟକ, ଜଗନ୍ନାଥ ବାଗେ, ଜଗଦୀଶ ବିଷୋୟୀ, ଗୌରୀ ଶଙ୍କର ମାଝୀ, ଗୁଲୁ ମହାପାତ୍ର, ବୁଲୁ ମହାପାତ୍ର, ଅନନ୍ତ ପଣ୍ଡା, ନିନି ବାବୁ ତ୍ରିପାଠୀ, ଭିକି ଦାସ, ତପନ କୁମାର ପାଣିଗ୍ରାହୀ, ପିଣ୍ଟୁ ଲେଙ୍କା, ବାବୁନା ସାହୁ ପ୍ରମୁଖଙ୍କ ସମେତ ସହରର ପୁରୁଷ ଏବଂ ମହିଳା, ଯୁବକଯୁବତୀ ମିଶି ପାଖାପାଖି ୩୦ ହଜାରରୁ ଊର୍ଦ୍ଧ୍ୱ ଯୋଗଦେଇଥିଲେ। ଆୟୋଜିତ ଏହି ଶୋଭାଯାତ୍ରାରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନବରଙ୍ଗପୁର ଏସଡିପିଓ କୃଷ୍ଣ ଚନ୍ଦ୍ର ଭାତ୍ରା, ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ ବେହେରା, ଏସଆଇ ଦେବାଶିଷ ସାହୁ, ଏସଆଇ ସବିର ଅହମ୍ମଦ ପ୍ରମୁଖଙ୍କ ସମେତ ପୁଲିସ କର୍ମଚାରୀ, ଅଧିକାରୀ ଏବଂ ବହୁ ପୁରୁଷ ଓ ମହିଳା କନଷ୍ଟେବଳ ଉପସ୍ଥିତ ରହି ଟ୍ରାଫିକ୍ ନିୟନ୍ତ୍ରଣ କରିବା ସହିତ ଶାନ୍ତିଶୃଙ୍ଖଳା ସହିତ ଶୋଭାଯାତ୍ରା ପରିଚାଳନା କରିଥିଲେ।

### ■ ବିଷୁବ ମିଳନ ଉତ୍ସବ କମିଟିର ୧୨ତମ ବନ୍ଧୁମିଳନ କାର୍ଯ୍ୟକ୍ରମ

## ଓଲିଉଡ୍ ଓ ବଲିଉଡ୍ ଗାୟକଙ୍କ ସଙ୍ଗୀତରେ ନାଚିଲେ ଦର୍ଶକ



ରାୟଗଡ଼ା,୧୪।୪(ସମିସ): ଓଡ଼ିଆ ନବ ବର୍ଷ ଏବଂ ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ସ୍ଥାନୀୟ ହୋଟେଲ ତେଜସ୍ୱୀ ସମ୍ମୁଖ ପଡ଼ିଆଠାରେ ବିଷୁବ ମିଳନ ଉତ୍ସବ କମିଟି ରାୟଗଡ଼ା ପକ୍ଷରୁ ୧୨ତମ ବନ୍ଧୁମିଳନ କାର୍ଯ୍ୟକ୍ରମ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଉତ୍ସବ ପାଳନ ଅବସରରେ ଜନସାଧାରଣଙ୍କ ମନୋରଞ୍ଜନ ସକାଶେ ସନ୍ଧ୍ୟାରେ ଅନୁଷ୍ଠିତ ଭଜନ ସମାରୋହ ଏବଂ ଆଧୁନିକ ସଙ୍ଗୀତ କାର୍ଯ୍ୟକ୍ରମରେ ଓଲିଉଡ୍ ଏବଂ ବଲିଉଡ୍ ଇଣ୍ଡଷ୍ଟ୍ରିର ବହୁ ଖ୍ୟାତନାମା ଗାୟକଗାୟିକାମାନେ ଯୋଗଦେଇଥିଲେ। ଓଲିଉଡ୍ ଗାୟକ ସୌରଭ ଭରଦ୍ୱାଜ ଓ ଗାୟିକା ଜଲି ଦେ’ଙ୍କ ସୁମଧୁର କଣ୍ଠରେ ଜଗନ୍ନାଥ ମହାପ୍ରଭୁଙ୍କ ସୁନ୍ଦର ମନଛୁଆଁ ଭଜନ ଗାଇ ଦର୍ଶକଙ୍କୁ ବିଭୋର କରିଥିବାବେଳେ ଓଲିଉଡ୍ ଗାୟକ ଡ.ରୋହନ ବିଶ୍ୱାଳ, ସୁଜ୍ଞାନୀ ମହାପାତ୍ର ଏବଂ ଉତ୍ସବର ମୁଖ୍ୟ ଆକର୍ଷକ ବଲିଉଡ୍ ଗାୟକ ଅରିନ୍ଦମ ଚକ୍ରବର୍ତ୍ତୀଙ୍କ ଆଧୁନିକ ସଙ୍ଗୀତରେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ସଂଗୀତ ପ୍ରେମୀ ଝୁମି ଉଠିଥିଲେ। ଏହି ଉତ୍ସବ କମିଟି ଆବାହକ ରାଇସିଂ ବିଡିକାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ରାୟଗଡ଼ା ଜିଲ୍ଲା ସଭାପତି ଏନ.ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ରାୟଗଡ଼ା ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଶର୍ମିତା ପାତ୍ରୀ, ବିନାୟକ କର, ଅମୀୟ ସ୍ୱାଇଁ, ରାୟଗଡ଼ା ବିଧାୟକ ପ୍ରାର୍ଥୀନୀ ଅନସୂୟା ମାଝୀ, କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକକାଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହ ଉପସ୍ଥିତ ହଜାର ହଜାର ସଂଖ୍ୟକ ଦର୍ଶକଙ୍କୁ ପଣା ଓ ପ୍ରସାଦ ବଣ୍ଟନ ବ୍ୟବସ୍ଥାରେ ସହଯୋଗ କରିଥିଲେ। ଉତ୍ସବ କମିଟି ପକ୍ଷରୁ ରବିବାର ସକାଳ ୯ଟା ସମୟରେ ପଣାସଂକ୍ରାନ୍ତି ଅବସରରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଓଡ଼ିଆ ନବବର୍ଷ ଅବସରରେ ପଣ୍ଡିତମାନଙ୍କ ଦ୍ୱାରା ନୂତନ ପଞ୍ଜିକା ପଠନ କରାଯାଇଥିଲା। ଭାଇଚାରାର ରାୟଗଡ଼ା ସହରରେ ଉଭୟ ଓଡ଼ିଆ ଓ ତେଲୁଗୁ ଭାଇଭଉଣୀମାନଙ୍କ ବିଭିନ୍ନ ପର୍ବପର୍ବାଣୀ ପାଳନ ହେଉଥିବାବେଳେ ଉକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ସମସ୍ତଙ୍କ ଯୋଗଦାନ ଏବଂ ସହଯୋଗର ସମ୍ପର୍କ ଭାଇଚାରାର ଅତୁଟ ବନ୍ଧନକୁ ସୂଚାଇଥାଏ ଏବଂ ଓଡ଼ିଆ ନବବର୍ଷ, ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଜିଲ୍ଲାବାସୀଙ୍କୁ ମୁଖ୍ୟ ଅତିଥି ଶ୍ରୀ ରାଓ ଅଭିନନ୍ଦନ ଜଣାଇବା ସହ ଶୁଭକାମନା କରିଥିଲେ।

## ରାୟଗଡ଼ାରେ ବିଷୁବ ବନ୍ଧୁମିଳନ ଉତ୍ସବ

**ରାୟଗଡ଼ା,୧୪।୪(ସମିସ):**



ରାୟଗଡ଼ା ଜିଲ୍ଲା ସଦର ମହକୁମାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ ଏବଂ ଅଶୋକ କଲ୍ୟାଣ ମଣ୍ଡପଠାରେ ରବିବାର ଓଡ଼ିଆ ନବ ବର୍ଷ, ମହାବିଷୁବ ସଂକ୍ରାନ୍ତି ତଥା ପବିତ୍ର ହନୁମାନ ଜୟନ୍ତୀ ଅବସରରେ ବିଷୁବ ବନ୍ଧୁମିଳନ ଉତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ବିଷୁବ ବନ୍ଧୁମିଳନ ଉତ୍ସବ କମିଟି ସଭାପତି ଡ. ନିରଞ୍ଜନ ବକ୍ସିପାତ୍ରଙ୍କ ସଭାପତିତ୍ୱରେ ବିଷୁବ ବନ୍ଧୁମିଳନ ଉତ୍ସବ-୨୦୨୪ ପାଳିତ ହୋଇଯାଇଛି। ଏହି ଅବସରରେ ରବିବାର ଅପରାହ୍ଣ ୪ଟା ସମୟରେ ମା’ ମଝିଘରିଆଣୀ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଆଜ୍ଞାମାଳ ଅଣାଯାଇଥିଲା। ପରେ ସେଠାର ପୂଜା ଓ ପବିତ୍ର ନୂତନ ପଞ୍ଜିକା ପଠନ କରାଯାଇଥିଲା। ସେହିପରି ସନ୍ଧ୍ୟା ସାଢ଼େ ୫ଟା ସମୟରୁ ରାୟଗଡ଼ା ମାଟିର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଏବଂ ଆଧୁନିକ ଗୀତ ପରିବେଷଣ କରାଯିବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହ ଉପସ୍ଥିତ ଜନସାଧାରଣଙ୍କୁ ପଣା ବିତରଣ କରାଯାଇଥିଲା। ସେହିପରି ରାୟଗଡ଼ା ଯୁବଗୋଷ୍ଠୀ ତରଫରୁ ମହାବିଷୁବ ସଂକ୍ରାନ୍ତି କମିଟି ଆନୁକୂଲ୍ୟରେ ପବିତ୍ର ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ପାଳନ ଅବସରରେ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପଠାରେ ରବିବାର ଓ ସୋମବାର ଦୁଇ ଦିନ ବ୍ୟାପୀ ପଣାସଂକ୍ରାନ୍ତି ଉତ୍ସବ ପାଳନ କରାଯାଉଛି। ରବିବାର ଅପରାହ୍ଣ ୩ଟା ସମୟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ନୂତନ ପଞ୍ଜିକା ପଠନ ସହ ସନ୍ଧ୍ୟା ୬ଟାରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ସେହିପରି ସୋମବାର ସନ୍ଧ୍ୟାରେ ସୁର ଏଣ୍ଡ ସାନ୍ ଅର୍କେଷ୍ଟ୍ରା ଦ୍ୱାରା ବହୁ କଣ୍ଠଶିଳ୍ପୀଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଝୁମୁକା ୱାର୍ଡ ମେମ୍ବରଙ୍କ ପରଲୋକ

**ବନ୍ଧୁଗାଁ,୧୪।୪(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ସଦର ପଞ୍ଚାୟତ ଝୁମୁକା ଗ୍ରାମର ୱାର୍ଡ ମେମ୍ବର ଟ୍ରେପେକା ସିଲିକାଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ମେଲେରିଆ ଜ୍ୱରରେ ପୀଡ଼ିତ ଥିଲେ। ୱାର୍ଡ ମେମ୍ବର ଟ୍ରେପେକା ସିଲିକାଙ୍କ ଗୋଟିଏ ପୁଅ ଥିବାବେଳେ ଆଉ ତିନି ଜଣ ଛୋଟ ଛୋଟ ଝିଅ ରହିଛନ୍ତି। ୱାର୍ଡ ମେମ୍ବର ଭାବରେ ଦୁଇ ଥର ନିର୍ବାଚିତ ହୋଇଥିଲେ। ସେ ଅଶିକ୍ଷିତ ହୋଇଥିଲେ ମଧ୍ୟ ସରପଞ୍ଚ, ନାଏବ ସରପଞ୍ଚ ଓ ସମସ୍ତ ୱାର୍ଡ ମେମ୍ବରମାନଙ୍କ ନିକଟରେ ଅତିପରିଚିତ ଥିଲେ। ଝୁମୁକା ଗ୍ରାମରେ ସ୍କୁଲ ବନ୍ଦ ହେବାକୁ ଥିବାବେଳେ ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କୁ ସହଯୋଗ କରି ୨୩ ଜଣ ଛାତ୍ରଛାତ୍ରୀଙ୍କୁ ନୂତନ ଭାବେ ନାମ ଲେଖାଇ ସ୍କୁଲ ଚାଲୁ ରଖିବାରେ ସେ ସଫଳତା ପାଇଥିଲେ। ୱାର୍ଡ ମେମ୍ବରଙ୍କ ବଡ଼ ପୁଅ ସନ୍ତୋଷ ଟ୍ରେପେକା ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବାବେଳେ ଝିଅ ଅନିତା ଟ୍ରେପେକାଙ୍କୁ ୫ ବର୍ଷ, ପ୍ରମିଳା ଟ୍ରେପେକାଙ୍କୁ ୩ ବର୍ଷ, ନନ୍ଦିନୀ ଟ୍ରେପେକାଙ୍କୁ ୨ ବର୍ଷ ହୋଇଥିବା ଜାଣିବାକୁ ମିଳିଛି। ସେ ବର୍ତ୍ତମାନ ୱାର୍ଡ ମେମ୍ବର ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚଙ୍କ ସମେତ ନାଏବ ସରପଞ୍ଚ ସନ୍ୟା ମାଣ୍ଡିଙ୍ଗି, ୱାର୍ଡ ମେମ୍ବର ସିରିମେ ମେଲେକା, ଲିମ୍ବେ ମେଲେକା, ଜ୍ୟୋତି ମେଲେକା, ସୂର୍ଯ୍ୟ ମେଲେକା, ଏ. ସୁରେନ୍ଦ୍ର, ଶ୍ରୀନୁ ମାଣ୍ଡିଙ୍ଗି, ବିମ୍ବୁ ବାଘବଂଶ, ଉତ୍ତମ ନାୟକ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରଙ୍କୁ ସହାୟତା ପ୍ରଦାନ କରିବା ସହ ସମବେଦନା ଜଣାଇଥିଲେ।

## ଗୁଣୁପୁରରେ ବିଷୁବ ବନ୍ଧୁମିଳନ ସମାରୋହ




**ଗୁଣୁପୁର,୧୪।୪(ସମିସ):** ଗୁଣୁପୁର ନବନିର୍ମାଣ ସମିତି ଓ ବଂଶଧାରା ସାହିତ୍ୟ ସମାଜ ଦ୍ୱାରା ଦ୍ୱାଦଶ ବିଷୁବ ବନ୍ଧୁମିଳନ ସମାରୋହ-୨୦୨୪ ଅନୁଷ୍ଠିତ ହୋଇଛି। ସ୍ଥାନୀୟ କାଳୀପୂଜା ମଣ୍ଡପରେ ଆୟୋଜିତ ଏହି ସମାରୋହର ପ୍ରଥମ ପର୍ଯ୍ୟାୟରେ ପତିତପାବନଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ପ୍ରାୟ ୩୦ ଜଣ କବିଙ୍କ ଦ୍ୱାରା କବିତାପାଠ ଉତ୍ସବ ହୋଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ପଣ୍ଡିତ ପ୍ରକାଶ ରଥଙ୍କ ଦ୍ୱାରା ପଞ୍ଜିକା ପାଠ ହୋଇଥିଲା। ମୁଖ୍ୟବକ୍ତା ପ୍ରାଧ୍ୟାପକ ଜଗନ୍ନାଥ ଦୀପଙ୍କ ଦ୍ୱାରା ବିଷୁବ ମିଳନ ଓ ଧର୍ମର ମହତ୍ତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନବନିର୍ମାଣ ସମିତିର ସଭାପତି ଅକ୍ଷୟ ଦାଶ, ଉପସଭାପତି ଉମାଶଙ୍କର ଦାଶ, ସମ୍ପାଦକ ରଞ୍ଜିତ ପାଢ଼ୀ, ବଂଶଧାରା ସାହିତ୍ୟ ସମାଜର ସଭାପତି ପ୍ରଭାତ ଶତପଥୀ, କବି ରମେଶ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, କୈଳାଶ ଦାଶ, ସୁଦର୍ଶନ ପୃଷ୍ଟି, ସୀମାଞ୍ଚଳ କର, ଦୁର୍ଗା ଶତପଥୀ, ନୀଳମାଧବ ଦାଶ, ବିଜୟ ପାଢ଼ୀ, ପ୍ରତାପ ରାୟଙ୍କ ବ୍ୟତୀତ ବି. ରବି, ଶିବ ସାହୁ, ଅଜିତ ପଣ୍ଡା, ବିମଳ ମିଶ୍ର, ଅଶୋକ ଚୌଧୁରୀ, ପ୍ରଦୀପ ପାଢ଼ୀ, ମେଘନାଦ ଚୌଧୁରୀ, ରାଜେଶ ପାଢ଼ୀ, ପ୍ରଶାନ୍ତ ମିଶ୍ର, ରିଙ୍କୁ ଦାଶ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ପରିଶେଷରେ ଦିଲ୍ଲୀପ ଚୌଧୁରୀ, ଅଶୋକ କର ଓ ନିଖିଳ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନକୁ ବିମୋହିତ କରିଥିଲା।

## ବିଧାୟକ ବାହିନୀପତି ବାଣ୍ଟିଲେ ପଣା

**ଜୟପୁର,୧୪।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ରବିବାର ମହବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଅବସରରେ ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନ ସମ୍ମୁଖରେ ସରବତ (ପଣା) ସାଧାରଣ ଲୋକଙ୍କୁ ବଣ୍ଟନ କରିଥିଲେ। ସନ୍ଧ୍ୟା ୭ଟାରୁ ୮ ପର୍ଯ୍ୟନ୍ତ ନିଜେ ବିଧାୟକ ଶ୍ରୀ ବାହିନୀପତି ଏହି ପଣା ବଣ୍ଟନ କରିଥିଲେ। ଏହି ଅବସରରେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବ୍ଲକ୍ କଂଗ୍ରେସ ସଭାପତି ବସନ୍ତ ନାୟକ, ଯୁବ କଂଗ୍ରେସ ସଭାପତି ସୁଶାନ୍ତ ପଟ୍ଟନାୟକ, ଗଙ୍ଗାଧର ସାହୁ ଏବଂ ଅନ୍ୟ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହିବା ସହିତ ଶତାଧିକ ସାଧାରଣ ଲୋକଙ୍କୁ ପଣା ବଣ୍ଟନ କରିଥିଲେ।



## ୬୦୦ କିଲୋ ଗଞ୍ଜେଇ ଜବତ

**ନନ୍ଦପୁର,୧୪।୪(ସମିସ):** ପେଟ, ପିଠି, ସିକ୍ରେଟ୍ ଚ୍ୟାମ୍ବର ପରେ ଗଚ୍ଛିତ ଗଞ୍ଜେଇ ଉପରେ ଚଢ଼ଉ କରିଛି ପାଡୁଆ ପୁଲିସ। ଗତ କିଛି ଦିନ ହେବ ପେଟ, ପିଠି ପରେ ସିକ୍ରେଟ୍ ଚ୍ୟାମ୍ବରରେ ଗଞ୍ଜେଇ ଚାଲାଣର ପର୍ଦ୍ଦାଫାସ୍ କରିଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଡୁଆ ପୁଲିସ ବ୍ୟବସାୟୀଙ୍କ ପାଇଁ ଗଚ୍ଛିତ ରଖିଥିବା ୫୦ଟି ଜରିବସ୍ତାରେ ୬ଶହ କିଲୋ ଗଞ୍ଜେଇକୁ ବାଡେଲ ଗ୍ରାମ ପଞ୍ଚାୟତର ଗୋଡ଼ିପୁଟ ଜଙ୍ଗଲରୁ ଉଦ୍ଧାର କରିଛି। ପାଡୁଆ ଥାନା ଏସ୍ଆଇ ହିମାଂଶୁ ବେହିଆ ଓ ଏଏସ୍ଆଇ ଆରସିଏଚ୍ ମାଡ଼କାମୀ ଉଭୟ ଏକ ପୁଲିସ୍ ଦଳ ନେଇ ଜଙ୍ଗଲ ମଧ୍ୟରୁ ଗଚ୍ଛିତ ରଖିଥିବା ଗଞ୍ଜେଇ ଉଦ୍ଧାର କରି ଠାବ ବେଳେ ବ୍ୟବସାୟୀଙ୍କ କୌଣସି ସନ୍ଧାନ ମିଳିନାହିଁ। ଅଧିକ ତଦନ୍ତ ପାଇଁ ଏସ୍ଆଇ ଟୁନା ଶବରଙ୍କୁ ତଦନ୍ତଭାର ପ୍ରଦାନ କରାଯାଇଥିବା ପାଡୁଆ ଥାନା ଆଇଆଇସି ଅଶୋକ କୁମାର ବିଶୋଇ ସୂଚନା ଦେଇଥିବାବେଳେ ଏହି ମାମଲାରେ କେଉଁ କେଉଁମାନେ ସମ୍ପୃକ୍ତ ରହିଛନ୍ତି ସେନେଇ ଖୁବଶୀଘ୍ର ପୁଲିସ ହାତକୁ ଆସିବେ ବୋଲି କହିଛନ୍ତି ନନ୍ଦପୁର ଏସଡିପିଓ ସମ୍ବିତ କୁମାର ମାଝୀ।

### ■ କୁମ୍ଭାରଗନ୍ଧନା ପଞ୍ଚାୟତରେ ବିଧାୟକଙ୍କ ପ୍ରଚାର

## ବିଜେଡିରେ ସାମିଲ ହେଲେ ଶତାଧିକ କଂଗ୍ରେସ କର୍ମୀ



**କୋରାପୁଟ,୧୪।୪(ସମିସ):** କୋରାପୁଟ ବିଧାୟକ ତଥା ୨୦୨୪ ନିର୍ବାଚନ ପାଇଁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ରଘୁରାମ ପଡ଼ାଲ ରବିବାର ଲମତାପୁଟ ବ୍ଲକ୍ କୁମ୍ଭାରଗନ୍ଧନା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରି ନିର୍ବାଚନ ପାଇଁ ପ୍ରଚାର କରିଛନ୍ତି। ଆସନ୍ତା ମେ’ ୧୩ ତାରିଖରେ ହେବାକୁ ଥିବା ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରାଇବା ପାଇଁ ସେ ଜନତାଙ୍କୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ଭତ୍ତାରେ ବୃଦ୍ଧି, ମିଶନ ଶକ୍ତି ଯୋଜନା ଜରିଆରେ ମହିଳାମାନଙ୍କୁ ଆର୍ଥିକ ସହାୟତା ଓ ବିନା ସୁଧରେ ଋଣ ପ୍ରଦାନ, ଲକ୍ଷ୍ମୀ ବସରେ ମହିଳାମାନଙ୍କ ନିମନ୍ତେ ମାତ୍ର ୫ ଟଙ୍କାରେ ଯାତ୍ରା ଭଳି କରିଥିବା ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଗତ ୫ ବର୍ଷ ମଧ୍ୟରେ ସେ ବିଧାୟକ ଭାବେ କରିଥିବା ସିନ୍ଧିପୁଟ ଘାଟରେ ପୋଲ ନିର୍ମାଣ ସମେତ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ଉପରେ ବକ୍ତବ୍ୟ ରଖି ସେମାନଙ୍କ ସେବା କରିବାକୁ ପୁଣି ଥରେ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ। ବିଧାୟକଙ୍କ ସହ ବିଜୁ ଜନତା ଦଳର ନେତୃବୃନ୍ଦ ଓ କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କୁମ୍ଭାରଗନ୍ଧନା ପଞ୍ଚାୟତର ଗୁରୁ ମାଝୀ, ଲଛମି କାଞ୍ଜିଆ, ପଦୁ ମାଝୀ, ଲୁକୁ କାଞ୍ଜିଆ, ଦାସ ମାଝୀ, ରାମଦାସ ଜାନି, ଭଗବାନ ମାଝୀ, ଦେବ ମାଝୀ, ଗୋବର୍ଦ୍ଧନ ମାଝୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଥିବା ଶ୍ରୀ ପଡ଼ାଲ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି, ନୀତି ଆଦର୍ଶ ଓ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ଏବଂ ବିଧାୟକ ଶ୍ରୀ ପଡ଼ାଲଙ୍କ କାର୍ଯ୍ୟଦକ୍ଷତା ଦେଖି ସେମାନେ ବିଜୁ ଜନତା ଦଳରେ ସାମିଲ ହୋଇଥିବା ପ୍ରତିକ୍ରିୟା ଦେଇଛନ୍ତି।

### ବନ୍ଧୁତ୍ୱର ନିଆରା ଉଦାହରଣ ସାଜିଲା ଦୁଇ ଶିରିସୀ ଗ୍ରାମ

# ଦେଶ ସ୍ୱାଧୀନ ପୂର୍ବର ପରମ୍ପରାକୁ ବଜାୟ ରଖିବାକୁ ପଣ



**ପାପଡ଼ାହାଣ୍ଡି,୧୪।୪(ସମିସ):** ବନ୍ଧୁତ୍ୱର ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ୍ ଭତରା ସିଉନି ପଞ୍ଚାୟତର ଶିରିସୀ ଗ୍ରାମବାସୀ ଏବଂ ପାପଡ଼ାହାଣ୍ଡି ବ୍ଲକ୍ ଶିରିସୀ ଗ୍ରାମବାସୀ। ରବିବାର ଅପରାହ୍ଣରେ ଦୁଇ ଗ୍ରାମବାସୀ ଏକତ୍ରିତ ହେବା ସହ ଉଭୟ ଗ୍ରାମ ମଧ୍ୟରେ ଚାଲିରହିଥିବା ବନ୍ଧୁତ୍ୱ ବଜାୟ ରଖିବାକୁ ପଣ କରିଛନ୍ତି। ଯାହା ଏବେ ଅନ୍ୟ ଗ୍ରାମବାସୀ ଓ ସମାଜ ପାଇଁ ଏକ ଉଦାହରଣ ପଲଟିଛି। ଦୁଇ ଗ୍ରାମ ମଧ୍ୟରେ ଏହି ପରମ୍ପରା ଦେଶ ସ୍ୱାଧୀନ ପୂର୍ବରୁ ଚାଲିଆସୁଥିବା ଉଭୟ ଗ୍ରାମବାସୀ କହିଛନ୍ତି।

ସୂଚନା ପ୍ରକାରେ, ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ୍ ଭତରା ସିଉନି ପଞ୍ଚାୟତ ଅନ୍ତର୍ଗତ ଶିରିସୀ ଗ୍ରାମ ଏବଂ ପାପଡ଼ାହାଣ୍ଡି ବ୍ଲକ ଶିରିସୀ ଗ୍ରାମ ମଧ୍ୟରେ ଦେଶ ସ୍ୱାଧୀନ ହେବା ପୂର୍ବରୁ ସଙ୍ଗାତ ବା ସଇନା ଗ୍ରାମ ଭାବେ ବନ୍ଧୁତ୍ୱ ଗଢ଼ି ଉଠିଥିଲା। ଏବେ ନିଜ ପୂର୍ବଜଙ୍କ ବନ୍ଧୁତ୍ୱକୁ ବଢ଼ାଇବାକୁ ଓ ବଜାୟ ରଖିବାକୁ ଦୁଇ ଗ୍ରାମର ବର୍ତ୍ତମାନର ଅଧିବାସୀ ଆଗକୁ ଆସିଛନ୍ତି। ଭତରା ସିଉନି ପଞ୍ଚାୟତ ଶିରିସୀ ଗ୍ରାମରେ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ସେଥିଯୋଗୁଁ ଆଦିବାସୀ ପରମ୍ପରା ଅନୁଯାୟୀ, ଭତରା ସିଉନି ପଞ୍ଚାୟତର ଶିରିସୀ ଗ୍ରାମବାସୀ ତାଙ୍କ ସଙ୍ଗାତ ଗ୍ରାମ ପାପଡ଼ାହାଣ୍ଡି ବ୍ଲକ୍ ଶିରିସୀ ଗ୍ରାମକୁ ରବିବାର ଆସି ବିହନ ମାଗିବା ସହ ବାଲିଯାତ୍ରାରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରିଥିଲେ। ସୋମବାର ପାପଡ଼ାହାଣ୍ଡି ବ୍ଲକ୍ ଶିରିସୀ ଗ୍ରାମର ଲୋକେ ଭତରା ସିଉନି ପଞ୍ଚାୟତର ଶିରିସୀ ଗ୍ରାମକୁ ଯାଇ ବାଲି ରାପିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଶିରିସୀ ଗ୍ରାମର ପ୍ରାୟ ୨୬୦ ଜଣ ଆବାଳ ବୃଦ୍ଧ ବନିତା ପାପଡ଼ାହାଣ୍ଡି ବ୍ଲକ୍ ଶିରିସୀ ଗ୍ରାମକୁ ଆସିଥିଲେ। ଗ୍ରାମରେ ପହଞ୍ଚିଲା ପରେ ପାପଡ଼ାହାଣ୍ଡି ବ୍ଲକ୍ ଶିରିସୀ ଗ୍ରାମର ନିରଞ୍ଜନ ରାୟପତ୍ର, ହରେକୃଷ୍ଣ ଭତରା, ରଘୁନାଥ ଭତରା, ଈଶ୍ୱର ପୂଜାରୀ, ପୂର୍ଣ୍ଣ ନାୟକ, ଭୁବନ ଗୌଡ଼, ଅଭିମନ୍ୟୁ ପଣ୍ଡା, ଖଗପତି ଭତରା ସଙ୍ଗାତ ଗ୍ରାମବାସୀଙ୍କ ଗୋଡ଼ ଧୋଇବା ଉଭୟ ଗ୍ରାମବାସୀ ପରସ୍ପରକୁ ନମସ୍କାର, ମୁଣ୍ଡିଆମାରି ଆଲିଙ୍ଗନ କରି ସ୍ୱାଗତ ଜଣାଇଥିଲେ। ଆସିଥିବା ଗ୍ରାମବାସୀମାନଙ୍କୁ ଉପଢ଼ୌକନ ଏବଂ ଶାଢ଼ି ଦେଇ ସମ୍ମାନିତ କରି ଗ୍ରାମକୁ ପଛୋଟି ନେଇଥିଲେ। ଏହାପରେ ଗ୍ରାମରେ ବୁଲି ସମସ୍ତଙ୍କ ଘରୁ ବିହନ ମାଗିଥିଲେ ଏବଂ ସୋମବାର ବାଲି ରାପିବା ପାଇଁ ସ୍ୱାଗତ କରିଥିଲେ। ସନ୍ଧ୍ୟା ସମୟରେ ସଙ୍ଗାତମାନଙ୍କୁ ବିଦାୟ କରାଯାଇ ବାଲି ନିମନ୍ତ୍ରଣକୁ ସ୍ୱୀକାର କରିଥିଲେ। ଭତରା ସିଉନି ପଞ୍ଚାୟତ ଶିରିସୀ ଗ୍ରାମରୁ ଗ୍ରାମର ମୁଖିଆ ନାରାୟଣ ନାୟକ, ଦେବ ଚଲାଣ, ଟେମରାଜ ପୂଜାରୀ, ଗଙ୍ଗାଧର ଭତରା, କୁରାମନାଥ ନାୟକ, ନାରାୟଣ ବିଷୋୟୀ, ଗୋପୀ ବିଷୋୟୀ, ଧନୁର୍ଜୟ ନାୟକ, ଭାଗିରଥି ଭତରା, ଲଖଣ ବିଷୋୟୀ ପ୍ରମୁଖ ସଙ୍ଗାତ ଗ୍ରାମବାସୀମାନଙ୍କ ସ୍ୱାଗତ ଏବଂ ଅତିଥି ସତ୍କାରକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇ ଏହି ଦୁଇଗ୍ରାମର ବନ୍ଧୁତ୍ୱ ଏକ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ।

# ବିଭିନ୍ନ ସ୍ଥାନରେ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ


ଜୟପୁର


କୋରାପୁଟ


ମାଲକାନଗିରି

ଜୟପୁର,୧୪।୪(ସମିସ)

କୋରାପୁଟ ଜିଲ୍ଲା ଜୟପୁରଠାରେ ମହାଦଳିତ ପରିସଂଘର ଓଡିଶା ଶାଖା ପକ୍ଷରୁ ଭରତୀୟ ସମ୍ବିଧାନର ପ୍ରଣେତା ଓ ଭାରତ ରତ୍ନ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୩ତମ ପ୍ରତିଷ୍ଠା ଦିବସ ରବିବାର ଜୟପୁରଠାରେ ପାଳିତ ହୋଇଯାଇଛି। ଜୟପୁର ବ୍ଲକ୍ ଜୟନ୍ତୀଗିରି ଗ୍ରାମ ସ୍ଥିତ ହାଟପଦା ଠାରେ ଏହି ଅବସରରେ ଡ. ଆମ୍ବେଦକରଙ୍କ ନବ ନିର୍ମିତ ପ୍ରତିମୂର୍ତ୍ତି ଉଦଘାଟନ କରାଯାଇଛି। ସ୍ଥାନୀୟ ପାରାବେଢ଼ା ଛକ ୨୬ ନମ୍ବର ଜାତୀୟ ରାଜପଥଠାରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ମହାଦଳିତ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟମାନେ ଜୟନ୍ତୀଗିରିରେ ପହଞ୍ଚି ସେଠାରେ ନବନିର୍ମିତ ପ୍ରତିମୂର୍ତ୍ତିର ଲୋକାର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୟନ୍ତୀଗିରି ସରପଞ୍ଚ ଭଦ୍ର ପୂଜାରୀ ଯୋଗଦେଇ ପ୍ରତିମୂର୍ତ୍ତିର ଉଦଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ଡ. ଆମ୍ବେଦକରଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନ ଆଜି ସୁଦ୍ଧା ଦେଶରେ କାର୍ଯ୍ୟକାରୀ ହେବା ସହିତ ଦେଶରେ ବିଭିନ୍ନ ଧର୍ମ, ଜାତି ଏବଂ ଭାଷାଭାଷୀ ଲୋକ ରହିଥିଲେ ସୁଦ୍ଧା ଏକତାରେ ରହିବାରେ ସହାୟତା କରିପାରିଛି ବୋଲି କହିଥିଲେ। ହରେକୃଷ୍ଣ ଅନକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତଥି ଭାବେ ବରିଷ୍ଠ ସଦସ୍ୟ ମହେଶ୍ୱର ବେଶ୍ରା, ଦିଲ୍ଲୀପ କୁମାର ହନ୍ତୁ, ଅନିଲ ଟାକ୍ରୀ, ସତ୍ୟବାନ ନାୟକ, ମହାଦଳିତ ପରିଷଦର ରାଜ୍ୟ ପରିଷଦ ସଭାପତି ବୃନ୍ଦାବନ ଖରା, ଆଇନ ପରାମର୍ଶଦାତା ସରୋଜ ଭତ୍ରା, ରାଜ୍ୟ ମହିଳା ସଭାନେତ୍ରୀ ମନଶ୍ୱିନୀ ଟାକ୍ରୀ, ଚନ୍ଦନ ନାୟକ, ଏନ୍. ଜୟରାମ, ପୀତବାସ ପେଣ୍ଟିଆ, ଆଲୋକ କୁମାର ନାୟକ, ତିଲୋତ୍ତମା ମୁଦୁଲି, ନୀଳମାଧବ ବାଘ, ମଙ୍ଗଳା ତୁରୁକ, ରାମଚନ୍ଦ୍ର ହିଆଲ ପ୍ରମୁଖ ଉପସ୍ଥିତ ଥିଲେ।

**କୋରାପୁଟ:** ଜିଲ୍ଲା ସଦର ମହକୁମାରେ ଭାରତୀୟ ସମ୍ବିଧାନର ପ୍ରଣେତା ଭାରତ ରତ୍ନ ଡ. ବିଆର୍ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଆମ୍ବେଦକର ପାର୍କରେ କୋରାପୁଟ ତହସିଲଦାର ସବୀର ସାହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, କୋରାପୁଟ ପ୍ରେସକ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର, ଆମ୍ବେଦକର ସ୍ମୃତି କମିଟି ସଦସ୍ୟ ସନ୍ତୋଷ ବେହେରା, ପିସି ଦଳେଇ, ସ୍ମାରକୀ କମିଟି ସଦସ୍ୟ ଆରପି ଶର୍ମା, ଆଇନଜୀବୀ କାମାକ୍ଷା ପ୍ରସାଦ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଏକେ ବେହେରା, କୋରାପୁଟ ପୌର କାର୍ଯ୍ୟାଳୟର ସୀମା ପଢ଼ିହାରୀ, ଅଧ୍ୟାପକ ରବି ଶତପଥି, ନିତ୍ୟାନନ୍ଦ ଭତ୍ରା, ମଦନ କିରସାନି, ବାବୁଲା ବେନିଆ, ସନ୍ତୁ ଜାନୀ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ।

**ମୁନିଗୁଡ଼ା:** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାଠାରେ ସମ୍ବିଧାନ ସୁରକ୍ଷା ସମିତି ତରଫରୁ ସମ୍ବିଧାନ ପ୍ରାଣେତା ବାବାସାହେବ ଆମ୍ବେଦକରଙ୍କ ୧୩୩ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଲିଖିତ ଭାରତ ସମ୍ବିଧାନର ସୁରକ୍ଷା ସହ ଶିକ୍ଷିତ ହୁଅ, ସଂଗଠିତ ହୁଅ ଓ ସଂଘର୍ଷ କର ନାରା ଦେଇ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଛି। ଏହି ଶୋଭାଯାତ୍ରାଟି ମୁନିଗୁଡ଼ା ଗୋବର୍ଦ୍ଧନ ପେଟ୍ରୋଲ ପମ୍ପ ଛକରୁ ବାହାରି ସହର ପରିକ୍ରମା କାରି ମୁନିଖୋଲ ପଡ଼ିଆରେ ପହଞ୍ଚି ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବିଧାନ ସୁରକ୍ଷା ସମିତିର ସଭାପତି କୁର୍ତ୍ତୀ କରକରିଆ, ସମ୍ପାଦକ କମଳ ହିଆଲ, ବିସି ପାଲକା, କାଞ୍ଚନ ନାଗ, ସନ କରନ ଅର୍ଜୁନ, ପ୍ରଦୀପ ହିଆଲ, ରୟାଲ ଶଙ୍କର, ବିଷ୍ଣୁ ବାତ୍ରା, ସୁବାସ ଟାକ୍ରୀ, ସୁରଜ କରକରିଆ, ଦିଆଲୁ ଟାକ୍ରି ଓ ସାଇବୁ ଟାକ୍ରିଙ୍କ ସମେତ ଶତାଧିକ ଆମ୍ବେଦକରବାଦୀ ଯୋଗଦେଇଥିଲେ। ସେହିପରି ଅମ୍ବାଦଳା ଭୀମ ଆର୍ମି ପକ୍ଷରୁ ସ୍ଥାନୀୟ କଲ୍ୟାଣୀ ମଣ୍ଡପ ପରିସରରେ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚଞ୍ଚଳା ମାଝୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀ ଭଜରାମ କୌଶଲ୍ୟା, ଆମ୍ବେଦକର ବାଦି ନାଥୁରାମ ନାଗ, ଆନନ୍ଦ ଟାକ୍ରି, ଦିଲ୍ଲୀପ କରକରିଆ, ଚିତ୍ର ସୁନା, ରାମ ପ୍ରକାଶ କରକରିଆ ଯୋଗଦେଇଥିବା ବେଳେ ଭୀମ ଆର୍ମିର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କୃପାସିନ୍ଧୁ କୌଶଲ୍ୟା ପରିଚାଳନା କରିଥିବାବେଳେ ଜସନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

**କଲ୍ୟାଣସିଂହପୁର:** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବାବାସାହେବ ଭୀମାରାଓ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳନ କରାଯାଇଛି। ପ୍ରଶାସନ ପକ୍ଷରୁ ସୁନାଖଣ୍ଡି ଓ କଲ୍ୟାଣସିଂହପୁର ଦୁର୍ଗା ମନ୍ଦିର ନିକଟସ୍ଥ ପଡ଼ିଆରେ ଆମ୍ବେଦକରଙ୍କ ଅବସ୍ଥାପିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଆମ୍ବେଦକରପ୍ରେମୀ ଯୋଗଦାନ କରି ମଲ୍ୟାର୍ପଣ କରିଥିଲେ। ଏହାପରେ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ଆମ୍ବେଦକରପ୍ରେମୀମାନେ ଯୋଗଦେଇ ନିଜର ବକ୍ତବ୍ୟରେ କହିଲେ ଯେ ଆମ୍ବେଦକର ହେଉଛନ୍ତି ସାମାଜିକ ଗଣତନ୍ତ୍ରର ପ୍ରତିଷ୍ଠାତା ଥିଲେ ଓ ଆମ୍ବେଦକରଙ୍କ ସଂଘର୍ଷମୟ ଜୀବନ ଓ ଭାରତ ପାଇଁ ତାଙ୍କର ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ।

**ସୁନାବେଡ଼ା:** ଭାରତ ରତ୍ନ ଡ. ବିଆର୍ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ଉପଲକ୍ଷେ ସୁନାବେଡ଼ାର ଡ. ବି. ଆର. ଆମ୍ବେଦକର ଅଟୋ ଆସୋସିଏସନ୍ ତରଫରୁ ଏକ ଜଳଛତ୍ର ଉଦଘାଟନ କରାଯାଇଥିଲା। ଏହାକୁ ଡ. ବି. ଆର. ଆମ୍ବେଦକର ଅଟୋ ଆସୋସିଏସନର ସଭାପତି ପୁଣ୍ୟ ହିଆଲ ଓ ତାଙ୍କ ସାଥିମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ପଡାଲ ଯୋଗଦେଇ ଜଳଛତ୍ରକୁ ଉଦଘାଟନ କରିବା ସହ ଅଟୋ ସଂଘର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ।

**କାଳିମେଳା:** କାଳିମେଳାରେ ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଶତାଧିକ ସରକାରୀ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଏବଂ ବିଦ୍ୟାଳୟ ଛାତ୍ର ସାମିଲ ହୋଇଥିଲେ। ସମସ୍ତେ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ କାଳିମେଳା ସହର ପରିକ୍ରମା କରିଥିଲେ। ଏଥି ସହିତ କାଳିମେଳା ଛକରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆମ୍ବେଦକର ଦେଖାଇଥିବା ମାର୍ଗକୁ ଅମର ରଖିବା ପାଇଁ ଉପସ୍ଥିତ ବୁଦ୍ଧିଜୀବୀମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ତେବେ ପ୍ରଥମ ଥର କାଳିମେଳାରେ ଆମ୍ବେଦକର ଜୟନ୍ତୀ ଧୁମଧାମରେ ପାଳିତ ହୋଇଥିବା ଜଣାପଡ଼ିଛି।







**ଗୁଣୁପୁର:** ଗୁଣୁପୁର ଉପଖଣ୍ଡର ନାଇରା ଗ୍ରାମର ଆମ୍ବେଦକର ଛକର ଆମ୍ବେଦକରଙ୍କର ପ୍ରତିମୂର୍ତ୍ତିଠାରେ ୧୩୩ତମ ଜୟନ୍ତୀ ମହାଆଡ଼ମ୍ବର ସହକାରେ ପାଳିତ ହୋଇଛି। ଏଥିରେ ଗୁଣୁପୁରର ଓକିଲ ତଥା ସମାଜସେବୀ ରମେଶ ଚନ୍ଦ୍ର ଲିମା ମୁଖ୍ୟ ଅତିଥି ରୂପେ ଯୋଗଦେଇ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସମ୍ବିଧାନର ଓ ତାଙ୍କ ଜୀବନୀ ତଥା ସମାଜ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପଦ୍ମପୁର ବ୍ଲକର ଦଳିତ ସମାଜର ସଭାପତି ପ୍ରଦୀପ ଲିମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସୁବାସ ପାଲକା, ତ୍ରିପତି ଗାଣ୍ଡା, ରବି ନାରାୟଣ ବିଡ଼ିକା, ଗୌରୀ ଶଙ୍କର ଗାଣ୍ଡା, ଅନିଲ ପାଲକା, ପ୍ରଦୀପ ଲିମା, ରାଜେନ୍ଦ୍ର ମିଶାଲ, ଆଲୋକ ଗଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ବିଜୟ ଶବର ଧନ୍ୟବାଦ ଦେଇଥିଲେ।

**ମାଲକାନଗିରି:** ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ସମାରୋହ ମାଲକାନଗିରି ଜିଲ୍ଲାରେ ପାଳିତ ହୋଇଯାଇଛି। ସକାଳ ସାଢ଼େ ୮ଟା ସମୟରେ ଜିଲ୍ଲା ସଦରରେ ଥିବା ସ୍ଥାନୀୟ ବସଷ୍ଟାଣ୍ଡ ପରିସରରେ ରହିଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ଜିଲ୍ଲା ଯୁବ ଅଧିକାରୀ ହରିଶ ରୁପଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଓ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟାପକ ଡ. ରଞ୍ଜନ ସ୍ୱାଇଁ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଏହି ଅବସରରେ ସତ୍ୟ ନାରାୟଣ ମହାବିଦ୍ୟାଳୟର ଛାତ୍ରମାନେ ଉପସ୍ଥିତ ରହି ବାବାସାହେବଙ୍କ ସ୍ମୃତିରେ ଜୟଗାନ କରିଥିଲେ। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ହରେକୃଷ୍ଣ କିର୍ତ୍ତନିଆ, ରଞ୍ଜନ ମହାନ୍ତି ଓ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି, ବିଜୁ ଜନତା ଦଳ ଓ ବିଭିନ୍ନ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ଏହି ଦିବସ ପାଳନ କରଯାଇଥିଲା।

**କୋରାପୁଟ:** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତ ରତ୍ନ ବାବା ସାହେବ ଡ. ବିଆର୍ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ପାଳିତ ହୋଇଯାଇଛି । କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ଉପଦେଷ୍ଟା ଏକାଡେମିକ୍ ଓ ପ୍ରଶାସନ ପ୍ରଫେସର ଭିସି ଝା, ହିନ୍ଦୀ ସେଲର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ହେମରାଜ ମୀନାଙ୍କ ସମେତ ଅଧ୍ୟାପକ ଓ ଅଧିକାରୀମାନେ ଏକତ୍ରିତ ହୋଇ ଭାରତର ସମ୍ବିଧାନ ନିର୍ମାତା ଦୂରଦର୍ଶୀ ବାବାସାହେବଙ୍କ ଫଟୋରେ ପୁଷ୍ପ ସୁମନ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଜଣେ ବିଦ୍ୱାନ, ଦୂରଦର୍ଶୀ ଏବଂ ସମାଜ ସଂସ୍କାରକ ଭାବରେ ଡ. ଆମ୍ବେଦକରଙ୍କ ଗଭୀର ପ୍ରଭାବ ବିଷୟରେ ଆଲୋକପାତ କରି ପ୍ରଫେସର ତ୍ରିପାଠୀ ଭାରତର ସାମ୍ବିଧାନିକ ଢାଞ୍ଚା ଗଠନ ଏବଂ ସାମାଜିକ ନ୍ୟାୟ ପାଇଁ ସମର୍ଥନ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଆଇନର ଶାସନ, ନାଗରିକ ସ୍ୱାଧୀନତା, ଲିଙ୍ଗଗତ ସମାନତା ଏବଂ ଅବହେଳିତ ସମ୍ପ୍ରଦାୟର ସଶକ୍ତୀକରଣ ନୀତି ଉପରେ ଆଧାରିତ ଏକ ସମତାବାଦୀ ସମାଜ ପାଇଁ ଡ. ଆମ୍ବେଦକରଙ୍କ ନିରନ୍ତର ପ୍ରୟାସ ଉପରେ ବର୍ଣ୍ଣନା କରିଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଡ. ଆମ୍ବେଦକରଙ୍କ ଉପରେ ଆଲୋଚନାର ଏକ ପ୍ରାଥମିକ କେନ୍ଦ୍ରରେ ପରିଣତ ହେବା ପାଇଁ ସେ ଆକାଂକ୍ଷା ବ୍ୟକ୍ତ କରିଥିଲେ ଯାହା ଆଜିର ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଏହି ଅବସରରେ ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟରେ ଆମ୍ବେଦକର ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯିବ ବୋଲି ଘୋଷଣା କରିଥିଲେ, ଯାହା ଡ. ଆମ୍ବେଦକରଙ୍କ ଶିକ୍ଷା ଉପରେ ଆନ୍ତଃବିଭାଗୀୟ ଗବେଷଣା ପାଇଁ ସମର୍ପିତ ହେବ। ଏହାବ୍ୟତୀତ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ, ଯାହା ତାଙ୍କ ଆଦର୍ଶକୁ ବଜାୟ ରଖିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତି ବଦ୍ଧତାର ପ୍ରତୀକ ହେବ। ଡ. ଆମ୍ବେଦକରଙ୍କ ବହୁମୁଖୀ ବ୍ୟକ୍ତିତ୍ୱକୁ ସମ୍ବୋଧିତ କରି ପ୍ରଫେସର ଝା ଜଣେ ଆଇନଜୀବୀ, ଅର୍ଥନୀତିଜ୍ଞ, ରାଜନେତା ଏବଂ ସମାଜ ସଂସ୍କାରକ ଭାବରେ ତାଙ୍କର ଭୂମିକାକୁ ପ୍ରଶଂସା କରିବା ସହ ଭେଦଭାବ ବିରୋଧରେ ତାଙ୍କର ନିରବଚ୍ଛିନ୍ନ ସମର୍ଥନ ଏବଂ ମହିଳା ଓ ଶ୍ରମିକଙ୍କ ଅଧିକାର ପ୍ରତି ତାଙ୍କର ଦୃଢ଼ ସମର୍ଥନ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ମୀନା ଏହି ଭାବନାକୁ ସମର୍ଥନ କରି ସମାଜର ପଛୁଆ ବର୍ଗ ଉପରେ ଡ. ଆମ୍ବେଦକରଙ୍କ ପରିବର୍ତ୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ପରେ ପରେ କୁଳପତିଙ୍କ ତତ୍ତ୍ୱାବଧାନରେ ଡ. ଆମ୍ବେଦକରଙ୍କ ଦର୍ଶନ ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଉପରେ ଏକ ବୌଦ୍ଧିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣକାରୀମାନେ ଡ. ଆମ୍ବେଦକରଙ୍କ ଦୂରଦର୍ଶୀ ଚିନ୍ତାଧାରା ଏବଂ ସମାଜ ପ୍ରତି ସ୍ଥାୟୀ ଅବଦାନ ବିଷୟରେ ସାରଗର୍ଭକ ଆଲୋଚନା କରିଥିଲେ ଓ ଅନେକ କିଛି ଜାଣିବାର ସୁଯୋଗ ପାଇଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି।

**ରାୟଗଡ଼ା/ଲକ୍ଷ୍ମୀପୁର:** ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବାବାସାହେବ ଭୀମାରାଓ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡ଼ା ସହରର ବସଷ୍ଟାଣ୍ଡ ନିକଟସ୍ଥ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖ ଟ୍ରାଫିକ ଛକ ଓ ରାମା ଟକିଜ ନିକଟସ୍ଥ ଆମ୍ବେଦକର ନଗରରେ ଅବସ୍ଥାପିତ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଜିଲ୍ଲା ପରିଷଦ ନିହାର ରଞ୍ଜନ କହଁର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପାତ୍ର, ଉପଜିଲ୍ଲାପାଳ କଲ୍ୟାଣୀ ସଙ୍ଘମିତ୍ରା ଦେବୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଭଗବାନ ଖରା, ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁସ୍ମିତା ବାଉରୀ ଏବଂ ଆମ୍ବେଦକରପ୍ରେମୀ ପ୍ରମୁଖ ଯୋଗଦାନ କରିଥିଲେ। କୃଷ୍ଣଚନ୍ଦ୍ର ନଗର ଭବନଠାରେ ଜିଲ୍ଲାସ୍ତରୀୟ ସ୍ମୃତିସଭା ଆୟୋଜିତ ହୋଇଥିଲା। ଜିଲ୍ଲାପାଳଙ୍କ ଶ୍ରୀ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା, ପ୍ରବନ୍ଧ ଓ କଣ୍ଠ ସଙ୍ଗୀତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଭାରପ୍ରାପ୍ତ ଡିଆଇପିଆରଓ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିସିଡି ଉଚ୍ଚ ବିଦ୍ୟାଳୟର ଏନସିସି ଶିକ୍ଷକ ପ୍ରଦୀପ ଦାଶ ସଂଯୋଜନା କରିଥିଲେ। ପୌର ପରିଷଦ ଓ ଶିକ୍ଷାବିଭାଗ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଭବାନୀ ଶବର, କୁମୁଦିନୀ ମିଶଖଲ, ସୁଭାଷ କେରକେଟା, ସମ୍ରାଟ ସାହୁ, ଶ୍ରୀକାନ୍ତ ବିଶ୍ୱାଳ, ରାଜେନ୍ଦ୍ର ଦୋରା ପ୍ରମୁଖ ସହଯୋଗ କରିଥିଲେ।

ଅନ୍ୟପକ୍ଷରେ, ରାୟଗଡ଼ା ଜିଲ୍ଲା ଡମ୍ ସମାଜ, ଜିଲ୍ଲା ଆଦିବାସୀ ସମାଜ ଏବଂ ସର୍ବଭାରତୀୟ ପଛୁଆ ବର୍ଗ (ଅନୁସୂଚିତ ଜାତି, ଜନଜାତି, ଓବିସି) ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ କର୍ମଚାରୀ ଫେଡେରେସନ (ବାମସେଫ୍) ଓଡ଼ିଶା ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ ଡ. ଭୀମାରାଓ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ଉତ୍ସବ ରାୟଗଡ଼ାଠାରେ ପାଳିତ ହୋଇଯାଇଛି। ବାମସେଫ ରାୟଗଡ଼ା ଜିଲ୍ଲା ଶାଖା ସଭାପତି ଧନୀରାମ ନାୟକ ଏବଂ ସାଧାରଣ ସମ୍ପାଦକ ଜନାର୍ଦ୍ଦନ ଗରଡାଙ୍କ ନେତୃତ୍ୱରେ ଜିଲ୍ଲା ଜୟନ୍ତି ପାଳନ କମିଟି ଆନୁକୂଲ୍ୟରେ ରେଳବାଇ ଷ୍ଟେସନ ସମ୍ମୁଖରୁ ନୂଆ ବସଷ୍ଟାଣ୍ଡଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଶତାଧିକ ଆମ୍ବେଦକରପ୍ରେମୀ ତଥା ବାମସେଫ ସଦସ୍ୟମାନେ ସମ୍ବିଧାନ ପ୍ରଣେତା, ବିଶ୍ୱରତ୍ନ, ଜ୍ଞାନର ପ୍ରତୀକ ବାବାସାହେବ ଆମ୍ବେଦକରଙ୍କ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରିଥିଲେ। ପରେ ବସଷ୍ଟାଣ୍ଡ ଛକ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତିରେ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରି ବାବାସାହେବ ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ। ଗଙ୍ଗାଧର ପୁଆଲା, ହରପ୍ରସାଦ ହେପରୁକା, କର୍ଣ୍ଣ ବିଡିକା, ପୁରନ୍ଦର ପାଣି, ତାମାରାଓ ବିଡିକା, ଦୋରା କଣ୍ଡାଗରୀ, ସୁବାସ ବିଡିକା, ଅଭିମନ୍ୟୁ କନ୍ଦପାଣି, ଭାଗିରଥୀ ହାଲୁଆ, ଦମୟନ୍ତି ମହାନନ୍ଦିଆ, ବିଶୁ ଖୋସଲା, ଶାନ୍ତନୁ ବାଗ, ରାମଦାସ ଉତ୍ରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସଂଧ୍ୟାରେ ସ୍ଥାନୀୟ ରେଳବାଇ ଏସିଏଟି ଆସୋସିଏସନ୍ ହଲ୍‌ଠାରେ ସମସ୍ତଙ୍କୁ ନେଇ ଆମ୍ବେଦକରଙ୍କ ଜୀବନୀ ଉପରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀପୁରରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିବା ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ଖୋସ୍ଲା, ବଳଭଦ୍ର ଖରା, ଆମ୍ବେଦକର କମିଟିର ସମ୍ପାଦକ ଲାବଣ୍ୟ ହଲୱା, ବଜାର କମିଟିର ସଭାପତି ମନୋଜ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ସାଗର ଯୋଗ ଦେଇଥିଲେ। ଆଇନଜୀବୀ ଦିଲ୍ଲୀପ ବିଡିକା, ଶିକ୍ଷକ ଭାସ୍କର ସୁଚେନ୍, ଆଇଏମ୍ ବିଦ୍ୟାଳୟର ଅଧ୍ୟକ୍ଷ ସେବକ ବାଘ, ସୁନୀତା ବାଘଙ୍କ ସମେତ ଲକ୍ଷ୍ମୀପୁରର ନରସିଂହ ହିଆଲ, ସୁଦର୍ଶନ ଖରା, ମହେନ୍ଦ୍ର ତୁରୁକ୍, ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇଥିଲେ। ନାରାୟଣ ସାଗରଙ୍କ ଦ୍ୱାରା ଆମ୍ବେଦକରଙ୍କ ଜୀବନକୁ ନେଇ ଲିଖିତ ୪ ପୃଷ୍ଠା ବିଶିଷ୍ଟ ଏକ ପୁସ୍ତକ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା ଓ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ବୁର୍ଜା ଗାଁରୁ ଚଉବନ ଖୋସ୍ଲା, ସନ୍ତୁନୁ ବାଘ, ଆନନ୍ଦ ବାଘ, ଅମିର ବାଘ, ଭୂରି ମହୋନ ଖରା, ପୂର୍ତ୍ତିବାସ ଖରା, ମଧୁ ହିଆଲ, କ୍ରିଷ୍ଣା ଖୋସ୍ଲା ପ୍ରମୁଖ ବାଦ୍ୟ, ନୃତ୍ୟ କରି ଆସି ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଓଡ଼ିଆପେଣ୍ଟ ପଞ୍ଚାୟତର ବିରିଗୁଡ଼ା ଗ୍ରାମରେ ମଧ୍ୟ ଦିଲ୍ଲୀପ ହାଲୱା, ବଂଶୀଧର ହାଲୱା ଓ ଅନେକ ଯୁବକମାନେ ମିଳିତ ଭାବେ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରିଛନ୍ତି।

**ନବରଙ୍ଗପୁର:** ଭାରତର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ଭୀମ ରାଓ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ୧୩୪ ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆମ୍ବେଦକର ଛକ ସ୍ଥିତ ବାବା ସାହେବ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ମାଲ୍ୟାର୍ପଣ କରାଯାଇଥିଲା। ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାବା ସାହେବ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ମୃତିଚାରଣ ସଭାରେ ଭାରତର ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କ ସଂଘର୍ଷମୟ ଆଦର୍ଶ ଜୀବନୀ ଉପରେ ଉଲ୍ଲେଖ କରି ଛାତ୍ରଛାତ୍ରୀ ଯୁବପିଢ଼ି ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭଲ କାମକରି ଭଲ ମଣିଷ ହେବା ସହିତ ଦେଶ ଗଠନରେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ରବିନ୍ଦ୍ର ପାଲାକା, ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ପ୍ରଧାନଶିକ୍ଷୟିତ୍ରୀ ସୁପ୍ରିୟା ନାୟକ ଯୋଗଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିରେ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଦିଲୀପ କୁମାର ମଲ୍ଲିକ, ବନମାଳୀ ଗୋଛି, ନୀଳକଣ୍ଠ ନାୟକ, ବିଘ୍ନରାଜ ମାଝୀ ସହଯୋଗ କରିଥିଲେ।


ନବରଙ୍ଗପୁର


ରାୟଗଡ଼ା


କଲ୍ୟାଣସିଂହପୁର

## ହନୁମାନ ଜୟନ୍ତୀ ଓ ମହାବିଷୁବ ପଣା ସଂକ୍ରାନ୍ତି

# ସହରଠୁ ପଲ୍ଲୀ ଭକ୍ତିମୟ ପରିବେଶ
















**ବିଷମ କଟକ,୧୪।୪(ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ସହରରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ। ଚଳିତ ବର୍ଷ ଓଡ଼ିଆ ନବବର୍ଷକୁ ନେଇ ସହରଠାରୁ ପଲ୍ଲୀ ପର୍ଯ୍ୟନ୍ତ ମହାଆଡ଼ମ୍ବରରେ ପାଳନ କରାଯାଇଛି। ଓଡ଼ିଆ ନବବର୍ଷକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ପ୍ରକାର ଭକ୍ତିମୟ ପରିବେଶ ଦେଖିବା ପାଇଁ ମିଳିଛି। ଏହି ପବିତ୍ର ଦିନକୁ ଅଞ୍ଚଳବାସୀ ବେଶ୍ ଉତ୍ସାହର ସହ ପାଳନ କରୁଥିବା ଦେଖିବା ପାଇଁ ମିଳିଛି। ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଅବସରରେ ସକାଳୁ ସକାଳୁ ଜଗନ୍ନାଥ ମନ୍ଦିର, ମହାଦେବ ମନ୍ଦିର, ରାମ ମନ୍ଦିର, ହନୁମାନ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଦୁର୍ଗା ମନ୍ଦିର, ଠାକୁରାଣୀ ମାର୍କମା ଓ ତାରିଣୀ ମନ୍ଦିରରେ ଭକ୍ତଙ୍କ ଗହଳି ଦେଖିବା ପାଇଁ ମିଳିଥିଲା। ସେହିପରି ବିଷମ କଟକ ସହରର ତାରିଣୀ ମନ୍ଦିରରେ ମା' ତାରିଣୀଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଝାମୁଯାତ୍ରା ଦେଖିବା ପାଇଁ ବ୍ଲକ୍ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ଝାମୁଯାତ୍ରାରେ କଣ୍ଟା ଦଳିରେ ପୂଜକ ବସିବା ଓ ନିଆଁ ମାଡ଼ିବା ମୁଖ୍ୟ ଆକର୍ଷଣ ରହିଥିଲା।

**ମୁନିଗୁଡ଼ା :** ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଇଁ ଅମ୍ବାଦଳା ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଅମ୍ବାଦଳା ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ସଂଗଠନ ପକ୍ଷରୁ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପର୍ବ ଧୁମଧାମରେ ପାଳନ ହୋଇ ଯାଇଥିବାବେଳେ ପ୍ରତ୍ୟେକ ମନ୍ଦିର ନିକଟରେ ପଣା ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଛି। ସେହିପରି ଅମ୍ବାଦଳା ପଞ୍ଚମୁଖୀ ହନୁମାନ ବାଟିକାଠାରେ ବାବା ନିତ୍ୟାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ନିମନ୍ତେ ୩ ଦିନ ଧରି ପୂଜକମାନଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ସହ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ପ୍ରତ୍ୟେକ ଦିନ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସ୍ଥାନୀୟ ଅମ୍ବାଦଳା ତାରିଣୀ ମନ୍ଦିର, ବାଘଡଙ୍ଗରି ନିକଟ ହନୁମାନ ମନ୍ଦିର, ଅମ୍ବାଦଳା କପିଳେଶ୍ୱର ମନ୍ଦିର, ଅମ୍ବାଦଳା ଜଗନ୍ନାଥ ମନ୍ଦିର,ବିଜେପି କାର୍ଯ୍ୟାଳୟ ଓ ବିଭିନ୍ନ ସଂଗଠନ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା।

**କଲ୍ୟାଣସିଂହପୁର :** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ବିଭିନ୍ନ ସ୍ଥାନରେ ଥିବା ହନୁମାନ ମନ୍ଦିରଠାରେ ପବିତ୍ର ହନୁମାନ ଜୟନ୍ତୀ, ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣାସଂକ୍ରାନ୍ତି ମହାଆଡ଼ମ୍ବରରେ ପାଳନ କରାଯାଇଛି। ସକାଳୁ ପୂଜକ ହନୁମାନ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାପାଠ, ହୋମଯଜ୍ଞ, ହନୁମାନ ଚାଳିଶା ପାଠ କରିବା ସହ ହନୁମାନ ଚାଳିଶା ବହି ବଣ୍ଟନ କରାଯାଇଛି। ମନ୍ଦିର ପରିଚାଳନା କମିଟି ତରଫରୁ ପଣା ଭୋଗ କରିବା ପରେ ଲୋକଙ୍କୁ ବଣ୍ଟନ କରିଥିଲେ ଓ ମଧ୍ୟାହ୍ନରେ ପ୍ରାୟ ୩ ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ସେହିପରି ବ୍ଲକରେ ଥିବା ସମସ୍ତ ହନୁମାନ ମନ୍ଦିର ବ୍ୟତୀତ ଶିବମନ୍ଦିର, ଜଗନ୍ନାଥ ମନ୍ଦିର, ରାମ ମନ୍ଦିର, ଦୁର୍ଗା ମନ୍ଦିର ଓ ସମସ୍ତ ଦେବଦେବୀ ପୀଠରେ ସ୍ୱତନ୍ତ୍ର ଉତ୍ସବ ସାଙ୍ଗକୁ ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇଛି। ଏହି ଅବସରରେ ସମସ୍ତ ଦାଣ୍ଡ ଅଗଣାରେ ଓଡ଼ିଆ ନବବର୍ଷକୁ ସ୍ୱାଗତ କରିଥିଲେ। ନୂତନ ପଞ୍ଜିକାକୁ ପୂଜାକରି ପଠନ କରିଥିଲେ। ନୂତନ ପାଞ୍ଜିକୁ ରବିବାରଠାରୁ ଶୁଭାରମ୍ଭ କରାଯାଇଛି। ସନ୍ଧ୍ୟାରେ ଶିକ୍ଷକ ସଂଘ ତରଫରୁ ସନ୍ଧ୍ୟାରେ ଶିବମନ୍ଦିର ପ୍ରାଙ୍ଗଣରେ ପଣାଭୋଗ କରି ବଣ୍ଟନ କରିଛନ୍ତି।

**ମୁକୁନ୍ଦପୁର :** ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ଅନ୍ତର୍ଗତ କୈଳାଶପୁର ଗ୍ରାମରେ ମହାବୀର ହନୁମାନଙ୍କ ମନ୍ଦିରରେ ମହାବିଷୁବ ଓ ପଣାସଂକ୍ରାନ୍ତିର ଆୟୋଜନ କରାଯାଇଥିଲା। ଗ୍ରାମର ସମସ୍ତ ଲୋକ ମିଳିମିଶି ଅତିସୁନ୍ଦର ଭାବରେ ପୂଜାର୍ଚ୍ଚନା, ହୋମଯଜ୍ଞ, ଭଜନକୀର୍ତ୍ତନ, ପଣା ଏବଂ ପ୍ରସାଦସେବନର ଆୟୋଜନ କରିଥିଲେ। ଓଡ଼ିଆ ନବ ବର୍ଷରେ ବିଶ୍ୱର କଲ୍ୟାଣ ଏବଂ ଭାଇଚାରା ବଜାୟ ରଖିବା ନିମନ୍ତେ ଶାନ୍ତିଯଜ୍ଞର ଆୟୋଜନ କରାଯାଇଥିଲା। ବହୁ ଦୂରଦୂରାନ୍ତରୁ ଭକ୍ତମାନେ ହନୁମାନଙ୍କ ଦର୍ଶନ ନିମନ୍ତେ ଆସିଥିଲେ।

**ଚନ୍ଦ୍ରପୁର :** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସରଡ଼ା ଗ୍ରାମ ଇନ୍ଦିରାନଗରଠାରେ ମହାପ୍ରଭୁ ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାତି ୩ଟାରୁ ପୂଜକ ରବୀନ୍ଦ୍ର ପ୍ରଧାନ ହନୁମାନଙ୍କୁ ସ୍ନାନ ସାରି ଫୁଲ, ଚନ୍ଦନ, ଧୂପ, ଦୀପ ଦେଇ ମାର୍ଜନା କରିଥିଲେ। ପରେ ପୂଜକ ଦୈତାରୀ ବ୍ରହ୍ମା, ମାଧବ ଚନ୍ଦ୍ରପାଳ ହୋମଯଜ୍ଞ କରିଥିବାବେଳେ ଏହି ପୂଜାରେ କର୍ତ୍ତା ଭାବେ ଏସ୍ ଈଶ୍ୱର ରାଓ ଉର୍ମିଳା ପିପଳି ପୂଜା କରିଥିଲେ। ସକାଳୁ ସଂକୀର୍ତ୍ତନ ଦଳଙ୍କ ଦ୍ୱାରା ନାମସଂକୀର୍ତ୍ତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଭାବେ ଏସ୍ ଈଶ୍ୱର ରାଓ, ରବୀନ୍ଦ୍ର କୁମାର ପ୍ରଧାନ, ଏସ ଲାଲୀ ଗୌରୀଶଙ୍କର ତ୍ରିପାଠୀ ପରିଚାଳନା କରିଥିବାବେଳେ ରବୀନ୍ଦ୍ର ପଣ୍ଡା, ପ୍ରଶାନ୍ତ ପ୍ରଧାନ, ବିଜୟ ମାଳବିଶୋଇ, ବିଜୟ ଉଲାକା, ଦୟାନିଧି ପାତ୍ର, କବି ପାତ୍ର, ପଙ୍କଜ ଦଣ୍ଡସେନା ଓ ଗ୍ରାମବାସୀ ସହଯୋଗ କରିଥିଲେ।

**ନନ୍ଦପୁର:** ନନ୍ଦପୁର ସଦର ମହକୁମା ସ୍ଥିତ ହନୁମାନ ମନ୍ଦିରରେ ମହାବୀର ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ରବିବାର ମହା ବିଷୁବ ସଂକ୍ରାନ୍ତି, ଓଡ଼ିଆ ନବ ବର୍ଷ, ମହାବୀର ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପର୍ବ ନନ୍ଦପୁରରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। ସକାଳୁ ଭକ୍ତ ତଥା ଶ୍ରଦ୍ଧାଳୁମାନେ ସଙ୍କଟମୋଚନ ହନୁମାନ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରି ଜୟନ୍ତୀ ପାଳନ କରିଥିବାବେଳେ ଏହି ଅବସରରେ ନନ୍ଦପୁର ସହରର ବିଭିନ୍ନ ସ୍ଥାନରେ ପଣା ବଣ୍ଟନ କରାଯାଇଥିଲା।

**ରାୟଗଡ଼ା :** ଉତ୍କଳ ଗୋପାଳ ଗୌଡ଼ ସମାଜ(ଓଡ଼ିଶା) ରାଜ୍ୟ ସଭାପତିଙ୍କ ନିଷ୍ପତ୍ତି କ୍ରମେ ରାୟଗଡ଼ା ଜିଲ୍ଲା ଶାଖା ସଭାପତି ଶରତ ଚନ୍ଦ୍ର ଗୌଡ଼ ଏବଂ ଦକ୍ଷିଣ-ପଶ୍ଚିମ ଓଡ଼ିଶା ପ୍ରଭାରୀ ସୁରତ କୁମାର ଗୋପାଳଙ୍କ ପୌରୋହିତ୍ୟରେ କାଶୀପୁରଠାରେ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ କରାଯାଇଛି। ସ୍ଥାନୀୟ ଗୌଡ଼ସାହି ଏବଂ କାଶୀପୁର ମୁଖ୍ୟ ରାସ୍ତାରେ ରବିବାର ସକାଳେ ସଭାପତି ଶରତ ଗୌଡ଼ଙ୍କ ସମେତ ମନୋଜ ଗୌଡ଼, ଅଶ୍ୱିନ ଗୌଡ଼, କୃଷ୍ଣଚନ୍ଦ୍ର ଗୌଡ଼, ସଦାଶିବ ଗୌଡ଼, ବୈକୁଣ୍ଠ ଗୌଡ଼, ରଙ୍ଗାଧର ଗୌଡ଼, ସରୋଜ ଗୌଡ଼, ଟୁଟୁ ଗୌଡ଼, ଜଗା ଗୌଡ଼, ସୁଶାନ୍ତ ଗୌଡ଼ ଓ ଅନ୍ୟମାନେ ଉପସ୍ଥିତ ରହି ପଣା ସଂକ୍ରାନ୍ତି ଅବସରରେ ପଣା ବଣ୍ଟନ କରିଥିଲେ। ଉତ୍କଳ ଗୋପାଳ ଗୌଡ଼ ସମାଜ ପକ୍ଷରୁ ପାଖାପାଖି ୮୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏହି ପଣା ବଣ୍ଟନ କରାଯାଇଥିବା ନେଇ ସଭାପତି ଶରତ ଗୌଡ଼ ପ୍ରକାଶ କରିଥିବା ବେଳେ ଉତ୍କଳ ଗୋପାଳ ଗୌଡ଼ ସମାଜ ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମଗୁଡ଼ିକ ହାତକୁ ନିଆଯାଇଥିବା ନେଇ ଜିଲ୍ଲା ସମ୍ପାଦକ ଶିବ ନାରାୟଣ ଗୌଡ଼ ପ୍ରକାଶ କରିଛନ୍ତି। ସେହିପରି ପଣା ସଂକ୍ରାନ୍ତି ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ହନୁମାନ ମନ୍ଦିର, ମା' ମଝିଘରିଆଣୀ ମନ୍ଦିର, ମା' ମଙ୍ଗଳା ମନ୍ଦିର, ମା' କାଳୀ ମନ୍ଦିର ସମେତ ଅନ୍ୟ ଦେବଦେବୀ ମନ୍ଦିରରେ ସକାଳୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରୀତିନୀତି ଅନୁଯାୟୀ ମନ୍ଦିରଗୁଡ଼ିକରେ ପୂଜାର୍ଚ୍ଚନା କରାଯାଇଥିବାବେଳେ ମନ୍ଦିରଗୁଡ଼ିକ ତରଫରୁ ଭକ୍ତମାନଙ୍କୁ ପଣା ବଣ୍ଟନ କରାଯାଇଥିଲା। ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ମଧ୍ୟ ସହରର ବିଭିନ୍ନ ଛକରେ ଜନସାଧାରଣଙ୍କୁ ପଣା ବଣ୍ଟନ କରାଯାଇଥିଲା।

**ଡାବୁଗାଁ:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମା ଜୟନ୍ତୀନଗର ସ୍ଥିତ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏଥିରେ ସକାଳୁ ଭକ୍ତମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରାରେ ମା' ଠାକୁରାଣୀ ମନ୍ଦିରରୁ ପାଣି ଅଣାଯାଇଥିଲା। ଏହା ପରେ ଠାକୁରଙ୍କ ରୀତିନୀତି ଅନୁସାରେ ହନୁମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଅଭୟ କୁମାର ଜେନା, ଗୀତାଞ୍ଜଳି ଜେନା, ଦେବରାଜ ପାତ୍ର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୂଜକ ଭାବେ ଚୈତନ୍ୟ ଦାଶଙ୍କ ସମେତ ମହେଶ ଚନ୍ଦ୍ର ପଣ୍ଡା ଓ ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିର କମିଟି ତରଫରୁ ପ୍ରାୟ ୧ ହଜାର ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ଏଥିରେ ଗ୍ରାମ ଓ ବିଭିନ୍ନ ଗ୍ରାମରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

**ଜୟପୁର :** କୋରାପୁଟ ଜିଲ୍ଲା ଜୟପୁର ସହରରେ ପଣା ସଂକ୍ରାନ୍ତି ଏବଂ ବୀର ହନୁମାନ ଜନ୍ମୋତ୍ସବ ତଥା ଜୟନ୍ତୀ ଭକ୍ତି ଭାବନା ଏବଂ ଆନନ୍ଦ ଉଲ୍ଲାସରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବିଭିନ୍ନ ହନୁମାନ, ଶ୍ରୀରାମ ମନ୍ଦିର ଓ ଦେବାଳୟରେ ବିଷୁବ ସଂକ୍ରାନ୍ତି ଅବସରରେ ବିଭିନ୍ନ ଫଳ ଓ ମିଠାରେ ନିର୍ମିତ ପଣା ଠାକୁରଙ୍କୁ ଲାଗି କରାଯାଇ ପ୍ରସାଦ ଭାବେ ସାଧାରଣ ଲୋକ ଓ ପଥଚାରୀଙ୍କୁ ବଣ୍ଟନ କରାଯାଇଥିଲା। ସେହିପରି ମଧ୍ୟାହ୍ନରେ ଅନ୍ନଭୋଗ ପ୍ରସାଦ ବଣ୍ଟନ ବିଭିନ୍ନ ହନୁମାନ ମନ୍ଦିର ଏବଂ ଅନ୍ୟାନ୍ୟ ଦେବାଳୟଠାରେ ଅନୁଷ୍ଠିତ ହୋଇଥିଲା। ସେହିପରି ଜୟପୁର ସହରର ରଥପଡ଼ିଆ ଛକ ସ୍ଥିତ ରଘୁନାଥ ମନ୍ଦିର, ପାୱାର ହାଉସ ଛକ, ବିକ୍ରମ ନଗର, ପଞ୍ଚାନନ ମନ୍ଦିର ଛକ, ଜୟନଗର, ପାଇକସାହି, ପୁରୁଣାଗଡ଼, ଢେପଗୁଡ଼ା, ବାପୁଜୀ ନଗର, ଗୋପବନ୍ଧୁ ନଗର, ଅଗ୍ରସେବ ଭବନ, ପ୍ରସାଦରାଓ ପେଟା, କୁମ୍ଭାରସାହି, ଗୌଡ଼ସାହି, ୱେଲକମ ଛକ, ସରକାରୀ ବସଷ୍ଟାଣ୍ଡ, ଘରୋଇ ବସଷ୍ଟାଣ୍ଡଠାରେ ରହିଥିବା ବୀର ହନୁମାନ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିର ଏବଂ ମାଦଳା ସାହି, ସୌରା ସାହି, ନୂଆସାହି, ଭୂପତି ସାହି ଆଖଡ଼ାଠାରେ ବୀର ହନୁମାନଙ୍କ ଜନ୍ମୋତ୍ସବ ଅବସରରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଥିଲା। ଜୟପୁର ବ୍ଲକର ଗ୍ରାମାଞ୍ଚଳ ଫାମ୍ପୁଣି, ପୂଜାରୀପୁଟ, ରଣ୍ଡାପାଲୀ, କୋଲାବ ନଗର ଓସିସି କଲୋନୀ, ବାରିଣିପୁଟ, ଥୁରଡିପୁଟ, ଆମ୍ବାଗୁଡ଼ା, କୋଟା ଛକ ଏବଂ ଅନ୍ୟାନ୍ୟ ଗ୍ରାମାଞ୍ଚଳରେ ହନୁମାନ ଜନ୍ମୋତ୍ସବ, ପଣା ସଂକ୍ରାନ୍ତୀ ପାଳନ ସହିତ ପୌରାଣିକ ଆଦିବାସୀ ନାଟକ ଅନୁଷ୍ଠିତ ହୋଇଥିଲା।

**ନନ୍ଦପୁର:** ଓଡ଼ିଶା ଆନ୍ଧ୍ର ସୀମାନ୍ତ ପାଡୁଆ ସ୍ଥିତ ବୈଶାଖୀ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ନବ ବର୍ଷ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବୈଶାଖୀ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ କବି ବିଚିତ୍ରାନନ୍ଦ ପଣ୍ଡା ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ମା' ତାରିଣୀଙ୍କ ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜାର୍ଚ୍ଚନା ପରେ ଚନ୍ଦନ, ତିଳକ ଲଗାଇ ଓଡ଼ିଆ ନବ ବର୍ଷ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଉତ୍ସବକୁ ଉପଭୋଗ କରିବା ସହ ଅଞ୍ଚଳ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ପଣ୍ଡା, ଭଗବାନ ମହାପାତ୍ର, ଶତ୍ରୁଘ୍ନ ହିକାକା, ଡି. ହେମନ୍ତ କୁମାର ମାଝି, ଟୁନେଶ କୁମାର ପାତ୍ର, ନଳିନୀକାନ୍ତ ମହାପାତ୍ର, ତୁଷାରକାନ୍ତ ମହାନ୍ତି, ଆନନ୍ଦ ହନ୍ତାଳଙ୍କ ସମେତ ଗ୍ରାମବାସୀ ବୃନ୍ଦ ଯୋଗଦେଇଥିଲେ।

**ଉମରକୋଟ/ଲକ୍ଷ୍ମୀପୁର :** ଉମରକୋଟରେ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ପଣା ସଂକ୍ରାନ୍ତିକୁ ଦୃଷ୍ଟିରେ ରଖି ସାରା ସହର ଚଳଚଞ୍ଚଳ ଥିବା ବେଳେ ମନ୍ଦିର ଓ ମଠ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥିଲା। ହନୁମାନ ଜୟନ୍ତୀ ପାଇଁ ଯଜ୍ଞ ଓ ପଣା ବଣ୍ଟନ ଆଦି ସ୍ୱତନ୍ତ୍ର ପ୍ରସ୍ତୁତି ଦେଖିବାକୁ ମିଳିଥିଲା। ସହରର ଡିଏନ୍କେ ଇଶାନେଶ୍ୱର ଶିବମନ୍ଦିର ଭାଲୁଗୁଡ଼ା ଶିବମନ୍ଦିର ଗୁଳିପାଟଣା ବାବା ବୈଦନାଥ ଶିବ ମନ୍ଦିର ଟାଉନ ଶିବମନ୍ଦିର ହନୁମାନ ମନ୍ଦିର ଓ ବିଭିନ୍ନ ସଂଗଠନ ଦ୍ୱାରା ଅନ୍ନପ୍ରସାଦ କରାଯାଇଥିଲା। ସକାଳୁ ସମସ୍ତ ମନ୍ଦିରରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ନିକଟରେ ଥିବା ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁମାନେ ଆସି ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ପଣା କରି ଭକ୍ତଙ୍କୁ ବଣ୍ଟନ କରାଯିବା ସହ ଅନ୍ନପ୍ରସାଦ ମଧ୍ୟ ବଣ୍ଟନ କରାଯାଇଥିଲା।

**ସେମିଳିଗୁଡ଼ା :** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଓ ଅଞ୍ଚଳରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ ଅଞ୍ଚଳରେ ଥିବା ହନୁମାନ ମନ୍ଦିରରେ ସକାଳେ କଳସ ସ୍ଥାପନ, ଆଚାର୍ଯ୍ୟ ବରଣ, ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ହନୁମାନଙ୍କୁ ନୀତି ନିୟମ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଅବସରରେ ମନ୍ଦିର କମିଟି ଦ୍ୱାରା ଭକ୍ତଙ୍କ ପାଇଁ ପଣା ବ୍ୟବସ୍ଥା କରାଯାଇଥିଲା। ଅଗ୍ନି ଗଙ୍ଗା ମା', ମା' ଦୁର୍ଗା କମିଟି, ଗୁପ୍ତେଶ୍ୱର ହାର୍ଡୱେର, ଆମ୍ବେଦକର କ୍ଲବ, ତାରିଣୀ ମନ୍ଦିର କମିଟି, ହନୁମାନ ମନ୍ଦିର କମିଟି, ଶିବଶକ୍ତି ବାଣିଜ୍ୟ ସଂଘ, ଓସିସି ନଗର ଯୁବ ସଂଘ ଆନୁକୂଲ୍ୟରେ ପଣା ବଣ୍ଟନ କେନ୍ଦ୍ର ସହରରେ ଆୟୋଜନ କରି ଲୋକଙ୍କୁ ପଣା ବଣ୍ଟନ କରାଯାଇଥିଲା। ବିଭିନ୍ନ ମନ୍ଦିର ଦ୍ୱାରା ଭଜନକୀର୍ତ୍ତନ, ଅଷ୍ଟପ୍ରହରୀ, ପ୍ରସାଦସେବନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

**ପଦ୍ମପୁର :** ପଦ୍ମପୁର ତଥା ଏହାର ଆଖପାଖ ବିଭିନ୍ନ ସ୍ଥାନରେ ପବିତ୍ର ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ମହାସମାରୋହରେ ପାଳିତ ହୋଇଯାଇଛି। ପଦ୍ମପୁର ସ୍ଥିତ ବିଭିନ୍ନ ଶୈବପୀଠ ମଧ୍ୟରେ ଧବଳେଶ୍ୱର, ମଲ୍ଲୀକେଶ୍ୱର, ପୁଡୁକେଶ୍ୱର, ନୀଳକଣ୍ଠେଶ୍ୱର, ଶ୍ରୀରାମ ମନ୍ଦିର, ହନୁମାନ ମନ୍ଦିର ଆଦି ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ ଆୟୋଜନ କରାଯାଇଥିବା ସମୟରେ ପଦ୍ମପୁର ସ୍ଥିତ ଭାଗବତ ଟୁଙ୍ଗି ତରଫରୁ ହନୁମାନ ଚାଳିଶା ପାଠ, ହୋମଯଜ୍ଞ କାର୍ଯ୍ୟକ୍ରମ କରାଯାଇଥିଲା। ସୁନାରିଘାଇ ଛକ ନିକଟରେ ଥିବା ମା' ଖିଲାମଣ୍ଡା ଠାକୁରାଣୀଙ୍କ ନିକଟରେ ହୋମଯଜ୍ଞ ଆଦି କରାଯାଇଥିବାବେଳେ ପଣା ବଣ୍ଟନ କରାଯାଇଥିଲା। ସେହିପରି ବସଷ୍ଟାଣ୍ଡଠାରେ ଗଣେଶ ମନ୍ଦିର ଓ ବ୍ୟବସାୟଙ୍କ ଦ୍ୱାରା ବଜାରର ବିଭିନ୍ନ ସ୍ଥାନରେ ବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି।

**ଟିକିରି :** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରିଠାରେ ଓଡ଼ିଆ ନବବର୍ଷ, ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ନୂତନ ପଞ୍ଜିକାକୁ ପୂଜା କରି ଅନୁକୁଳ କରାଯାଇଥିଲା। ସବୁ ଓଡ଼ିଆ ଓ ହିନ୍ଦୁ ଘରେ ଘରେ ପୂଜାର୍ଚ୍ଚନା କରାଯାଇ ପଣା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଟିକିରିର ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର, କାଶି ବିଶ୍ୱନାଥ ମନ୍ଦିର, ଡୁଡୁକାବାହାଲ ପାତାଳେଶ୍ୱର ମନ୍ଦିର, ତ୍ରିନାଥ ମନ୍ଦିରଠାରେ ଭକ୍ତଙ୍କ ଜନସମାଗମ ହୋଇଥିଲା। ସେହିପରି ଶଙ୍କରଡ଼ା ହନୁମାନ ମନ୍ଦିରଠାରେ ମନ୍ଦିର କମିଟି ତରଫରୁ ପଣା ବଣ୍ଟନ କରାଯାଇଥିଲା।

**ବାଲିମେଳା :** ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ଓ ଓଡ଼ିଆ ନୂଆ ବର୍ଷ ବଡ଼ ଧୁମଧାମରେ ପାଳିତ ହୋଇଯାଇଛି। ବାଲିମେଳା ସହରର ୨ନ ୱାର୍ଡ ନଦୀ ଲାଇନ ଥିବା ହନୁମାନ ମନ୍ଦିରରେ ଧୁମଧାମରେ ଜୟନ୍ତୀ ପାଳନ ହେବା ସହ ଅନ୍ନ ଭୋଜନ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା। ସେହିପରି ଡ୍ରଗ୍ ଲାଇନ ସ୍ଥିତ ଆଖଣ୍ଡଳମଣି ମନ୍ଦିର, ଜଗନ୍ନାଥ ମନ୍ଦିର, ଚିତାପାରି ହନୁମାନ ମନ୍ଦିର, କାଳିଛକ କମିଟି ଦ୍ୱାରା ଦିନରେ ପଣା ଓ ରାତିରେ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି। ସେହିପରି ଦୈନିକ ବଜାର କାଳୀମନ୍ଦିରରେ ଦଣ୍ଡନାଚର ଭୋଗତାମାନଙ୍କ ମେରୁ ଦଣ୍ଡ ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

**ତେନ୍ତୁଳିଖୁଣ୍ଟି :** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀରେ ପଣା ସଂକ୍ରାନ୍ତି ଉପଲକ୍ଷେ ବିଭିନ୍ନ ସ୍ଥାନରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇନ୍ଦ୍ରାବତୀ ଆରବି ଷ୍ଟୋର ନିକଟରେ ପଣା ବଣ୍ଟନ କରାଯାଇଥିଲା। ବଣିକ ସଂଘ ଉପସଭାପତି ସୁରେନ୍ଦ୍ର ନାଥ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଇନ୍ଦ୍ରଜିତ ସାହୁ, ଅକ୍ଷୟ ମହାନ୍ତି, କୃଷ୍ଣ ପାଢ଼ୀ, ଗଣେଶ ସାହୁ, ଦିପକ ବିଶ୍ୱାଳ, ସୁଶାନ୍ତ ରାଉତ, ଶୁଭମ ରାଉତ, ବିଷ୍ଣୁ ପ୍ରସାଦ ନାହକ, ଭୀମସେନ ସାହୁଙ୍କ ସମେତ ଇନ୍ଦ୍ରାବତୀ ଯୁବଗୋଷ୍ଠୀ ସହଯୋଗ କରିଥିଲେ । ସେହିପରି ହନୁମାନ ଜୟନ୍ତୀ ଉପଲକ୍ଷେ ଇନ୍ଦ୍ରାବତୀ ହନୁମାନ ମନ୍ଦିର ଛକରେ ଛାତ୍ରଛାତ୍ରୀଙ୍କୁ ନେଇ ଭଜନ ସମାରୋହ ସାଙ୍ଗକୁ ଭକ୍ତ ସମୂହଙ୍କ ନିମନ୍ତେ ଅନ୍ନ ଯଜ୍ଞର ଆୟୋଜନ କରାଯାଇଥିଲା। ସହସ୍ରାଧିକ ଭକ୍ତ ପ୍ରସାଦ ସେବନ କରିବା ସହ ପ୍ରଭୁ କୃପା ଲାଭ କରିଥିଲେ।

**କୋରାପୁଟ:** ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଇଁ କୋରାପୁଟ ସହର ଚଳଚଞ୍ଚଳ ହୋଇଉଠିଛି। ସକାଳୁ ସହରରେ ଥିବା ହନୁମାନ ମନ୍ଦିରଗୁଡ଼ିକରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖାଯାଇଥିଲା। ଗୌତମ ନଗରରେ ଥିବା ପଞ୍ଚମୁଖି ହନୁମାନ ମନ୍ଦିର, ଓଏମପି, ଅଶୋକ ନଗର, ଭାଣ୍ଡିସାହି, ଜାନିଗୁଡ଼ା, ଗାନ୍ଧୀନଗରଠାରେ ହନୁମାନ ମନ୍ଦିରରେ ହନୁମାନଙ୍କ ନୀତିକାନ୍ତି ଓ ହୋମ ଯଜ୍ଞ ସହ ଭକ୍ତଙ୍କ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ସ୍ୱତନ୍ତ୍ର ପଣା ମଧ୍ୟ ଭକ୍ତମାନଙ୍କୁ ପ୍ରଦାନ କରାଯାଉଥିଲା। ହନୁମାନ ମନ୍ଦିରଗୁଡ଼ିକରେ ଭକ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସନ୍ଧ୍ୟା ସମୟରେ ମନ୍ଦିରଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାର ଯୋଜନା ଥିବା ଜଣାପଡ଼ିଛି। ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଘରେ ଘରେ ଝୋଟି ପଡ଼ିଥିବାବେଳେ ଦହି, କଦଳୀ, ଛେନା ଓ ନଡ଼ିଆରେ ପ୍ରସ୍ତୁତ ପଣା ବୃନ୍ଦାବତୀଙ୍କ ନିକଟରେ ଭୋଗ କରାଯାଇଥିଲା। ଏହାଛଡ଼ା ବିଭିନ୍ନ ସ୍ଥାନମାନଙ୍କରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପଣା ପ୍ରସ୍ତୁତ କରାଯାଇ ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା।

**ପାପଡ଼ାହାଣ୍ଡି :** ପାପଡ଼ାହାଣ୍ଡିଠାରେ ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ରବିବାର ପାଳିତ ହୋଇଯାଇଛି। ଅପରାହ୍ଣରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ୫ ହଜାରରୁ ଉର୍ଦ୍ଧ୍ୱ ହିନ୍ଦୁପ୍ରେମୀ ଏଥିରେ ଭାଗ ନେଇଥିଲେ। ଛୋଟ ଛୋଟ ଶିଶୁ ଶ୍ରୀରାମ, ହନୁମାନ ଓ ସୀତାଙ୍କ ବେଶଭୁଷାରେ ସଜ୍ଜିତ ହୋଇଥିଲେ। ଡିଜେ, ଆଖଡ଼ା, କୀର୍ତ୍ତନ ଆଦି ବିଭିନ୍ନ ବର୍ଗର ଦଳ ସାମିଲ ହୋଇଥିଲେ। ମନ୍ଦିରଗୁଡ଼ିକରେ ସଂକ୍ରାନ୍ତି ଲାଗି ପୂଜାର୍ଚ୍ଚନା ସହ ପ୍ରବଳ ଭିଡ଼ ହୋଇଥିଲା। ବିଭିନ୍ନ ସଂଗଠନ ତରଫରୁ ପଣା ବଣ୍ଟନ କରାଯାଇଥିଲା। ଏହି ଅବସରରେ ମୁସଲିମ କମିଟି ତରଫରୁ ହିନ୍ଦୁ ଭାଇଭଉଣୀଙ୍କୁ ପଣା ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ପଣା ବଣ୍ଟନ କରି ଭାଇଚାରାର ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ସହ ବହୁ ଜନ ପ୍ରତିନିଧି ଯୋଗଦେଇଥିଲେ। ପାପଡ଼ାହାଣ୍ଡି ଆଇଆଇସି ଦୀପକ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

**ମାଲକାନଗିରି :** ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଡମ୍ବର ସହକାରେ ପଣାସଂକ୍ରାନ୍ତି, ହନୁମାନଜୟନ୍ତୀ, ମା ତାରିଣୀଙ୍କ ଘଟ ଯାତ୍ରା ସହିତ ଓଡିଆ ନବ ବର୍ଷ ପାଳିତ ହୋଇଯାଇଛି। ଜିଲ୍ଲା ସଦର ମହକୁମା ପ୍ରବେଶ ଦ୍ୱାରରେ ଥିବା ମା' ତାରିଣୀଙ୍କ ମନ୍ଦିର, ଦଣ୍ଡକାଳୀ ମନ୍ଦିର ଓ କୁମୁଟିଗୁଡ଼ା ତାରିଣୀ ମନ୍ଦିରରୁ ଗତ ୫ଦିନଧରି ଚୈତ୍ର ଯାତ୍ରା ଆରମ୍ଭ ହୋଇ ପବିତ୍ର ପଣାସଂକ୍ରାନ୍ତି ଅବସରରେ ସମାପନ ହୋଇଛି। ରବିବାର ଏହି ସବୁ ପୀଠରେ ଧୁମଧୁମାରେ ପୂଜାପାଠ, ହୋମଯଜ୍ଞ କରାଯାଇଥିଲା। କୁମଟିଗୁଡ଼ା ମନ୍ଦିରରେ ଲାଠି ଯାତ୍ରା ସାଙ୍ଗକୁ କାଳିସୀ ନୃତ୍ୟ ଓ ଦଣ୍ଡକାଳୀ ମନ୍ଦିରରେ ମେରୁ ଯାତ୍ରା ସାଙ୍ଗକୁ ଘଣ୍ଟ ପାଟୁଆଙ୍କ ନୃତ୍ୟ ଦର୍ଶକ ଓ ଭକ୍ତ ମାନଙ୍କ ମନ ମୋହିଥିଲା, ବିଜ୍ଞାନ ମହାବିଦ୍ୟାଳୟ ନିକଟରେ ଥିବା ପଞ୍ଚମୁଖି ହନୁମାନ ମନ୍ଦିର, ରିକ୍ଲାମେଶନ କଲୋନୀ ଶନିମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିର, ସୁବାଷ ବୋଷ ଛକ, ଚାଉଳ ଗୋଦାମ, ଏନଏଏସି ପରିସରରେ ଥିବା ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି।

